ସକାଳ THE SAKALA



■ ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା

## ପ୍ରତିନିଧିତ୍ୱ କରିବେ ଚମ୍ପା ମାଝୀ ଓ ନିଶା ଖାତୁନ



**ବାଲେଶ୍ୱର, ୨୨।୧(ସମିସ):** ତାମିଲନାଡୁର ମଦୁରାଇଠାରେ ଆସନ୍ତା ୨୬ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା-୨୦୨୩ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ଓଡ଼ିଶାର ୧୫ ଜଣ ବାଳିକା ଖୋ ଖୋ ଖେଳାଳି ଖେଳିବେ। ଏଥିମଧ୍ୟରେ ବାଲେଶ୍ୱର ଜିଲ୍ଲା କ୍ରୀଡ଼ା ସଂଘରୁ ପ୍ରତିନିଧିତ୍ୱ କରିବେ ଚମ୍ପା ମାଝୀ ଓ ନିଶା ଖାତୁନ। ଉଭୟ ଖେଳାଳି ଚଳିତମାସ ୨୪ ତାରିଖ ଦିନ ମଦୁରାଇ ଯାତ୍ରା କରିବେ ବୋଲି ସଂଘ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ସେହିଭଳି ବାଲେଶ୍ୱରର ସାବିଲା ଖାତୁନ ମଧ୍ୟ ରାଜ୍ୟ ମହିଳା ଦଳର ମ୍ୟାନେଜର ଭାବେ ମନୋନୀତ ହୋଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ଜିଲ୍ଲା କ୍ରୀଡ଼ା ସଂଘର କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର, ସାଧାରଣ ସମ୍ପାଦକ ଅଧୀପ ଦାସ, ସହ ସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା, ଉପ ସଭାପତି ଜଗଦିଶ ବେହେରା, ଅମର କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ଖୋଖୋ କାର୍ତ୍ତିକ ଚନ୍ଦ୍ର ନାୟକ, ଯୁଗ୍ମ ସମ୍ପାଦକ ବୀରେନ୍ଦ୍ର କୁମାର ସ୍ୱାଇଁ, ନିମାଇଁ ଚରଣ ରାଉତରାୟ, ସଞ୍ଜୟ ଲେଙ୍କା, ଜନ୍ମେଜୟ ଦେ, ଅଜିତ ପାତ୍ର, ପ୍ରଦୀପ ଦାସ, ସୁଜୟ ଆଚାର୍ଯ୍ୟ, କୋଚ୍ ମଳୟ ରଞ୍ଜନ ବେହେରା ପ୍ରମୁଖ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସଂଗେ ସଂଗେ ଓଡ଼ିଶା ଦଳ ବିଜୟ ଲାଭ କରୁ ବୋଲି ସାଧାରଣ ସମ୍ପାଦକ ଶ୍ରୀ ଦାସ ଶୁଭେଚ୍ଛା ଜଣାଇଛନ୍ତି।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ବାଲେଶ୍ୱର, ୨୨।୧(ସମିସ):** ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ଅଧୀନ କୁଳିଗାଁସ୍ଥିତ ବଂଶୀଧର ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ମହାପାତ୍ରଙ୍କୁ ପୁରାତନ ଛାତ୍ର ସଂସଦ ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଅର୍ପିତା ଦେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବିଦାୟକାଳୀନ ସଭାରେ ଜିଲ୍ଲା ପରିଷଦ ସଭ୍ୟା ବନ୍ଦିତା ନାୟକ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବେ ଶିକ୍ଷକ ପ୍ରଦୀପ ଦାସ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ଦାମୋଦର ବାରିକ, ହରିଶ୍ଚନ୍ଦ୍ର ଶତପଥୀ, ସରପଞ୍ଚ ପ୍ରଭାସିନୀ ମଣ୍ଡଳ, ସମିତିସଭ୍ୟା ସଙ୍ଗୀତା ମଲିକ, ଛାତ୍ରସଂଘ ଉପଦେଷ୍ଟା ନିରଞ୍ଜନ ମଲିକ, ସମ୍ପାଦକ ଅରୁଣ ମଲିକ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମହାପାତ୍ରଙ୍କ ଶିକ୍ଷକତା ପାରଦର୍ଶିତା ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟକୁ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ପୁରାତନ ଛାତ୍ର ସଂଘର ସଦସ୍ୟା ଓ ସଦସ୍ୟ ସହଯୋଗ କରିଥିଲେ।



### ଶ୍ରୀରାମଙ୍କ ପ୍ରାଣପ୍ରତିଷ୍ଠା ପାଇଁ ଉତ୍ସବମୁଖର ହେଲା ବାଲେଶ୍ୱର ସହର

# ପରମିଟ୍ ପଡ଼ିଆରେ ଜଳିଲା ଲକ୍ଷେଆଠ ଦୀପ

ବାଲେଶ୍ୱର, ୨୨।୧(ସମିସ)

ଆଜି ଅଯୋଧ୍ୟାରେ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ହୋଇଛି। ଏହି ପ୍ରାଣ ପ୍ରତିଷ୍ଠା ପାଇଁ ବାଲେଶ୍ୱର ସହର ଉତ୍ସବ ମୁଖର ହୋଇପଡ଼ିଛି। ସହରର ପତୁଆଁପଦାସ୍ଥିତ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ, ଚିଡ଼ିଆପୋଲ, ଫାଣ୍ଡିଛକ, ନଳମଗଞ୍ଜ ଠାରେ ମହାବିନାୟକ ମନ୍ଦିର ପ୍ରାଙ୍ଗଣ, ସିନେମା ଛକ, ପରମିଟ ପଡ଼ିଆ ସମେତ ବହୁ ସ୍ଥାନରେ ଶ୍ରୀରାମଙ୍କ ପୂଜାର୍ଚ୍ଚନା କରାଯାଇଛି। ଏହାଛଡ଼ା ସଙ୍କୀର୍ତ୍ତନ ଓ ରାମ ନାମରେ ସମଗ୍ର ସହର ପ୍ରକମ୍ପିତ ହୋଇଛି। ବିଶେଷ କରି ୧୭ନମ୍ବର ଓ ୧୮ ନମ୍ବର ୱାର୍ଡରେ ଥିବା ରାଧାକୃଷ୍ଣମନ୍ଦିର ପ୍ରାଙ୍ଗଣରେ ଶ୍ରରାମଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ସିଧା ପ୍ରସାରଣ ଅନୁଷ୍ଠିତ ହୋଇଥିଲା। ଏହାସହ ସେଠାରେ ପ୍ରାୟ ୩ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ଅନ୍ୟପଟେ ପରମିଟ ପଡ଼ିଆଠାରେ ଏକ ବିଶେଷ କାର୍ଯ୍ୟକ୍ରମ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଅନୁଷ୍ଠିତ ହୋଇଛି। ଆଜି ସନ୍ଧ୍ୟାରେ ପଡ଼ିଆ ଠାରେ ଏକ ଲକ୍ଷ ଆଠ ଦୀପ ପ୍ରଜ୍ୱଳନ ସହି ୧୦ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ପରିଷଦର ଜିଲ୍ଲା ସଭାପତି ଡ. ସୁଧାଂଶୁ କୁମାର ପରିଡ଼ା, ସମ୍ପାଦକ ଦେବବ୍ରତ କର ଓ ନଗର ସଭାପତି ରାକେଶ ସିଂହ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ବେଳେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପରିବାରର ବିଭିନ୍ନ ଶାଖାର କାର୍ଯ୍ୟକର୍ତ୍ତାମାନେ ସାମିଲ ହୋଇଥିଲେ। ସକାଳେ ବିଭିନ୍ନ କଲେଜର ଛାତ୍ରମାନେ ଯୋଗଦେଇ ପଡ଼ିଆଠାରେ ଦୀପ ସଜାଇଥିଲେ। ପରମିଟ ପଡ଼ିଆ ଠାରେ ଅନୁଷ୍ଠିତ ହେଉଥିବା ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମରେ ବାଲେଶ୍ୱର ସହରର ବହୁ ସଂଖ୍ୟାରେ ଜନସାଧାରଣ ଯୋଗ ଦେଇଥିଲେ।



ସିଧାପ୍ରସାରଣ ସହ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ







## ରାମଭଜନ ଗାଇଲେ ଜ୍ୟୋତ୍ସ୍ନାରାଣୀ

### ଅନଲାଇନ୍‌ରେ ୟୁଏସ୍‌ଏ ପିଲାମାନଙ୍କୁ ଗୀତ ଶିଖାନ୍ତି

ବାଲେଶ୍ୱର, ୨୨।୧(ସମିସ)

'ଶଙ୍ଖ ବାଜିବ, ଦୀପ ଜଳିବ, ଅଯୋଧ୍ୟା ଝଲସିଯିବ'... ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉପଲକ୍ଷେ ଏହା ନୂଆ ଓଡ଼ିଆ ରାମ ଭଜନ। ଅଯୋଧ୍ୟା ରାମ ମନ୍ଦିରରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏନେଇ ସବୁଠି ରାମମୟ ପରିବେଶ ସୃଷ୍ଟି ହୋଇଛି। ଏହି ଉପଲକ୍ଷେ ବାଲେଶ୍ୱର ବେଗୁନିଆସ୍ଥିତ ହରିପୁର ନିବାସୀ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନଙ୍କ ଝିଅ ଜ୍ୟୋତ୍ସ୍ନାରାଣୀ ପ୍ରଧାନ ରାମଙ୍କ ଭଜନ ଗାନକରି ବେଶ୍ ଚର୍ଚ୍ଚାରେ ରହିଛନ୍ତି। ଏହି ଭଜନକୁ ମଧ୍ୟ ଅନେକ ଦର୍ଶକ ତଥା ଶ୍ରୋତାପସନ୍ଦ କରିଛନ୍ତି। ଜ୍ୟୋତ୍ସ୍ନାରାଣୀ ତାଙ୍କ ୟୁଟ୍ୟୁବ ଚ୍ୟାନେଲ ଭଜନ ୱାର୍ଲଡ ତରଫରୁ ପ୍ରସ୍ତୁତ କରିଛନ୍ତି ମନ ମୁଗ୍ଧକର, ଭାବପୂର୍ଣ୍ଣ ଓଡ଼ିଆ ରାମ ଭଜନ 'ଶଙ୍ଖ ବାଜିବ ଦୀପ ଜଳିବ ଅଯୋଧ୍ୟା ଝଲସି ଯିବ'। ଏହି ଉଚ୍ଚକୋଟିର ଭଜନଟିକୁ ମମତା ଦାସ ରଚନା କରିଥିବା ବେଳେ ଗୁରୁ ନାରାୟଣ ଦାସ ସ୍ୱର ସଂଯୋଜନା ଦେଇଛନ୍ତି। ଜ୍ୟୋତ୍ସ୍ନାରାଣୀ ପ୍ରଧାନ ଏଥିରେ କଣ୍ଠଦାନ କରିଛନ୍ତି। ସମ୍ବଲପୁରରୁ ଦିବାକର ମହାନନ୍ଦ ଏଥିରେ ମ୍ୟୁଜିକ୍ ଦେଇଛନ୍ତି। ଜ୍ୟୋତ୍ସ୍ନାରାଣୀ ଦିଲ୍ଲୀ, ହାଇଦ୍ରାବାଦରେ ଅଧ୍ୟାପିକା ଭାବେ କାର୍ଯ୍ୟରତ ଥିଲେ। କିନ୍ତୁ ୨୦୧୫ ରେ ସେ ଓଡ଼ିଶାକୁ ଫେରିଆସି ବିଭିନ୍ନ ସ୍କୁଲ୍ ଏବଂ କଲେଜରେ କାର୍ଯ୍ୟ କରିଛନ୍ତି। ଏବେ ଜ୍ୟୋତ୍ସ୍ନାରାଣୀ ପ୍ରଭୂଜି ଇଂରାଜୀ ମିଡିୟମ ସ୍କୁଲ୍, ରେଢ଼ାଖୋଲରେ ଡାଇରେକ୍ଟର ଭାବେ ନିଯୁକ୍ତି ପାଇଛନ୍ତି। ଏସବୁ ପରେ ବି ଜ୍ୟୋତ୍ସ୍ନାରାଣୀ ଗାଇବାରେ ବେଶ ରୁଚି ରଖନ୍ତି। ବିଶେଷକରି ଭଜନ ଗାଇବାକୁ ଭଲ ପାଆନ୍ତି। ଏହାବ୍ୟତୀତ ସେ ଅନଲାଇନରେ ୟୁଏସ୍‌ଏ ପିଲାମାନଙ୍କୁ ଗୀତ ମଧ୍ୟ ଶିଖାନ୍ତି।



# ଫୁଟ୍ ଓଭର ବ୍ରିଜ୍ କାମ ଆରମ୍ଭ

ବାଲେଶ୍ୱର, ୨୨।୧(ସମିସ)

ବାଲେଶ୍ୱର ରେଳ ଷ୍ଟେସନ ଏକ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ। ଏହିଠାରେ ଦୈନିକ ହଜାର ହଜାର ଯାତ୍ରୀ ବିଭିନ୍ନ ସ୍ଥାନକୁ ଯିବା ପାଇଁ ନିର୍ଭର କରନ୍ତି। ଏଥିପାଇଁ ରେଳଷ୍ଟେସନର

### ସମସ୍ତ ପ୍ଲାଟଫର୍ମକୁ ହେବ ସଂଯୋଗ

ସମସ୍ତ ପ୍ଲାଟଫର୍ମକୁ ସଂଯୋଗ ପାଇଁ ରହିଥିଲା ଫୁଟ୍ ଓଭରବ୍ରିଜ। ହେଲେ ଷ୍ଟେସନର ସୌନ୍ଦର୍ଯ୍ୟକରଣ ପାଇଁ ଫୁଟଓଭର ବ୍ରିଜକୁ ଦୀର୍ଘଦିନ ଧରି ଭାଙ୍ଗି ଦିଆଯାଇଥିଲା। ଯାହାଫଳରେ ଯାତ୍ରୀମାନେ ବିପଦସଙ୍କୁଳଭାବେ ରେଳଧାରଣା ପାର ହୋଇଯାଉଥିଲେ। ଏହି ସମସ୍ତ ପ୍ଲାଟଫର୍ମକୁ ଯାତାୟାତ ପାଇଁ ଫୁଟ୍‌ଓଭର ବ୍ରିଜ ଆବଶ୍ୟକ କରୁଥିବା ବେଳେ ସ୍ଥାନୀୟ ଜନସାଧାରଣ ଓ ଯାତ୍ରୀମାନେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଠାରେ ଗତ ବାଲେଶ୍ୱର ଗସ୍ତ ସମୟରେ ଦାବି କରିଥିଲେ। ଜନସାଧାରଣଙ୍କ ମତାମତକୁ ସମ୍ମାନ ଦେଇ ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ବାଲେଶ୍ୱର ଷ୍ଟେସନ ଠାରେ ସବୁ ପ୍ଲାଟଫର୍ମକୁ ସଂଯୋଗ କରୁଥିବା ଏକ ଫୁଟ ଓଭର ବ୍ରିଜ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେବା ସହ ରେଳବାଇ ଅଧିକାରୀଙ୍କୁ ଏହି କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପ୍ରତିଶ୍ରୁତିର ମାତ୍ର ଅଳ୍ପଦିନ ମଧ୍ୟରେ ପ୍ଲାଟଫର୍ମ ୧ ଓ ୨ ଏବଂ ୩ ଓ ୪କୁ ସଂଯୋଗ କରିବା କାର୍ଯ୍ୟ ଦୁଇଟି ବିଭାଗରେ ସମ୍ପ୍ରସାରଣ କରାଯାଇ ପ୍ରାୟ ୫୦ମିଟର ଦୈର୍ଘ୍ୟ ଓ ୩.୫ମିଟର ପ୍ରସ୍ଥ ବିଶିଷ୍ଟ ଫୁଟ୍ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ପ୍ରାରମ୍ଭ କରାଯାଇଛି। ଏହି ପ୍ରକଳ୍ପ ପାଇଁ ଜେନେରାଲ ଆରେଞ୍ଜମେଣ୍ଟ ଡ୍ରଇଂ ଅନୁମୋଦିତ ହୋଇଛି ଯାହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅଟେ। ଏହି ପ୍ରକଳ୍ପ ଶେଷ ହେବାପରେ ଏହା କେବଳ ଯାତ୍ରୀମାନଙ୍କ ପାଇଁ ଏକ ନିରାପଦ ଯାତାୟାତ ପ୍ରଦାନ କରିବା ସହିତ ପ୍ଲାଟଫର୍ମ ଗୁଡ଼ିକ ମଧ୍ୟରେ ସୁଗମ ଏବଂ ସୁରକ୍ଷିତ ଯାତାୟାତ ସୁନିଶ୍ଚିତ କରାଇବ ଯାହାକି ନିରାପତ୍ତା ଦୃଷ୍ଟିରୁ ଯାତ୍ରୀମାନଙ୍କୁ ସହାୟକ ହେବ।



## ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉଦ୍‌ଘାଟନୀ ଉତ୍ସବ




**ବାଲେଶ୍ୱର, ୨୨।୧(ସମିସ):** ସହରସ୍ଥିତ ମଲ୍ଲିକାଶପୁରଠାରେ ଗାନ୍ଧୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ମୁଖ୍ୟ ଓମ୍ ପ୍ରକାଶ ମହାପାତ୍ର ବିଦ୍ୟାଳୟ ବାବଦରେ ସମ୍ୟକ ସୂଚନା ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଆୟୋଜିତ ସଭାରେ ଡ. ଗିରିଜା ଶଙ୍କର ପତି ସଭାପତିତ୍ୱ କରିଥଲେ। ଡିଆରଡିଓ ସହକାରୀ ନିର୍ଦ୍ଦେଶକ ନୀଳାଦ୍ରି ରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ ଏବଂ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ସତ୍ୟଶିବ ଦାସ, ବାଲେଶ୍ୱର ଭଦ୍ରକ ସମବାୟ ବ୍ୟାଙ୍କର ସଭାପତି ଗଣେଶ ପ୍ରସାଦ ମହାପାତ୍ର ଯୋଗ ଦେଇଥିଲେ। ଛାତ୍ର ପଙ୍କଜ ଶାସମଲ ଏବଂ କୁନ୍ତଳା କୁମାରୀ ସାବତ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ସସ୍ମିତା ମଣ୍ଡଳଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅଶୋକ କୁଲହାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଛଣପୁର ଶ୍ରୀ ହନୁମାନ ମନ୍ଦିରରେ ରାମ ଉତ୍ସବ

**ବାଲେଶ୍ୱର, ୨୨।୧(ସମିସ):** ଶ୍ରୀରାମ ଜନ୍ମଭୂମୀ ଅଯୋଧ୍ୟା ଠାରେ ଶ୍ରୀବିଗ୍ରହରେ ପ୍ରାଣପ୍ରତିଷ୍ଠା ଉତ୍ସବ ଅବସରରେ ରେମୁଣା ବ୍ଲକ ସୁତେଇ ପଞ୍ଚାୟତର ଛଣପୁର ସ୍ଥିତ ଶ୍ରୀ ହନୁମାନଙ୍କ ମନ୍ଦିରରେ ରାମଉତ୍ସବ ପାଳିତ ହୋଇଛି। ଏହି ଅବସରରେ ଶ୍ରୀରାମଙ୍କ ବିଗ୍ରହ ସ୍ଥାପନ ସହିତ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପରେ ଶତାଧିକ ଶ୍ରଦ୍ଧାଳୁଙ୍କ ଗହଣରେ ଶ୍ରୀରାମଙ୍କ ବିଗ୍ରହକୁ ଏକ ଆକର୍ଷଣୀୟ ରଥରେ ନେଇ ଆୟୋଜିତ ଶୋଭାଯାତ୍ରା ସୁତେଇ ପଞ୍ଚାୟତ ପରିକ୍ରମା କରିଥିଲା। ପ୍ରଭୁ ଶ୍ରୀରାମଙ୍କ ନାମ ସଂକୀର୍ତ୍ତନ ସହ ଅଞ୍ଚଳ ପରିକ୍ରମା କରିଥିଲେ। ମଧ୍ୟାହ୍ନରେ ମନ୍ଦିର ପରିସରରେ ରାମଉତ୍ସବର ପୂର୍ଣ୍ଣାହୂତି ଅନୁଷ୍ଠିତ ହୋଇଥିଲା। ସୁତେଇ ସରପଞ୍ଚ କବିତା ପାଣି, ମନ୍ଦିର କମିଟିର ରମାକାନ୍ତ ଦାସ, ହରେକୃଷ୍ଣ ଦାସ, ବିକାଶ ଚନ୍ଦ୍ର ଦାସ, ରିତିକ ଦାସ, କାର୍ତ୍ତିକ ଚନ୍ଦ୍ର ସେଠୀ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




**Computer Application ରେ Ph.D. ଲାଭ**



ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ରାୟଗଡା ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ମୁଖ୍ୟ ତଥା ଅଧ୍ୟାପକ ସଂଗ୍ରାମ କେଶରୀ ନାୟକ Sri Satya Sai University of Technology and Medical Sciences, Sehore (MP)ରୁ Computer Application ରେ ସମ୍ମାନଜନକ ଭାବେ ଡ଼କ୍ଟରେଟ ଉପାଧି ଲାଭ କରିଛନ୍ତି | ସେ ଏହି ବିଶ୍ୱବିଦ୍ୟାଳୟର Computer Application ବିଭାଗର Associate Professor ଡ଼କ୍ଟର ନରେନ୍ଦ୍ର ଶର୍ମାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଗବେଷଣାତ୍ମକ ସନ୍ଦର୍ଭ "Develop a Model for Energy Balancing and Reliable Communication for Green IoT" ଶୀର୍ଷକରେ Ph.D. ଉପାଧି ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି | ଉକ୍ତ ସନ୍ଦର୍ଭଟି Siksha 'O' Anusandhan University, Bhubaneswar ର Associate Professor ଡ଼କ୍ଟର ଭୁପେନ୍ଦ୍ର କୁମାର ଗୁପ୍ତାଙ୍କ ଦ୍ୱାରା ପରୀକ୍ଷିତ ହେବା ସହ ଉଚ୍ଚ ପ୍ରଶଂସିତ ହୋଇଅଛି | ଡ଼କ୍ଟର ନାୟକ ପୁରୀ ଜିଲ୍ଲା ଗୋମୁଣ୍ଡିଆ ଗ୍ରାମର ପ୍ରଫୁଲ୍ଲ କୁମାର ନାୟକ ଓ ମଞ୍ଜୁଲତା ନାୟକଙ୍କ କନିଷ୍ଠ ପୁତ୍ର ତଥା ବାଘମୁଣ୍ଡା ନିବାସୀ ✔ ସୁରେନ୍ଦ୍ର କୁମାର ପ୍ରଧାନ ଓ ଶ୍ରୀମତୀ ପ୍ରଧାନଙ୍କ ଜ୍ୟେଷ୍ଠ ଜାମାତା ଅଟନ୍ତି | ତାଙ୍କର ଏହି ସଫଳତା ପାଇଁ ପିତା, ମାତା, ଭାଇ, ଭାଉଜ, ମାମୁଁ ସନାତନ ପ୍ରଧାନ, ମାଈଁ, ଶାଶୁ, ଶଶୁର, ଦଦା ଶଶୁର ସୁବାସ ଚନ୍ଦ୍ର ପ୍ରଧାନ, ଧର୍ମପତ୍ନୀ ସ୍ୱୟଂ ପ୍ରଭା ପ୍ରଧାନ, ପୁଅ ନିଲ୍ ନିହାନ୍ତ, ଝିଅ ମୁସ୍କାନ, ଝିଆରୀ ରିୟାନସି, ଐଶ୍ୱର୍ଯ୍ୟା, ପୁତୁରା ଅବିନାଶ, ସାଙ୍ଗସାଥି, ଗୁରୁଜନଙ୍କୁ ଶ୍ରେୟ ଦେବା ସହ ଧରଣୀଧର ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ବିଶ୍ୱରଂଜନ ଧଳଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି |ସର୍ବୋପରି ଜଗତର ନାଥ ଜଗନ୍ନାଥ, ଇଷ୍ଟଦେବ ବଟେଶ୍ୱର, ଜଗତ ଜନନୀ ମା ତାରାଣୀଙ୍କ ନିକଟରେ ନିଜ କୃତିତ୍ୱକୁ ଉତ୍ସର୍ଗୀକୃତ କରିଛନ୍ତି|

# 'ଆଡଭାନ୍ସ ଡାଟା ଆନାଲିସିସ୍ ବାୟ ୟୁଜିଙ୍ଗ୍ ଏସ୍‌ପିଏସ୍‌ଏସ୍' କର୍ମଶାଳା ଉଦ୍‌ଘାଟିତ

ବାଲେଶ୍ୱର, ୨୨।୧(ସମିସ)



ଫକୀରମୋହନ ବିଶ୍ୱବିଦ୍ୟାଳୟର ମାନବ ସମ୍ବଳ ବିକାଶ କେନ୍ଦ୍ର ଆନୁକୂଲ୍ୟରେ 'ଆଡଭାନ୍ସ ଡାଟା ଆନାଲିସିସ୍ ବାୟ୍ ୟୁଜିଙ୍ଗ୍ ଏସ୍‌ପିଏସ୍‌ଏସ୍' ଶୀର୍ଷକରେ ଫ୍ୟାକଲ୍ଟି ଡେଭେଲପ୍‌ମେଣ୍ଟ ପ୍ରୋଗ୍ରାମ୍ ଉଦ୍‌ଘାପିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି କର୍ମଶାଳାର ବିଷୟକ୍ରମ ଅତି ଉଚ୍ଚକୋଟିର ଓ ସମୟପୋଯୋଗୀ ହୋଇଛି, ବିଶେଷତଃ ଅଭିଜ୍ଞ ଓ ପ୍ରବୀଣ ବିଷୟ-ବିଶେଷଜ୍ଞ ଏଥିରେ ପ୍ରଶିକ୍ଷକ ଭାବରେ ଯୋଗଦେଇଥିବା ହେତୁ ଅଂଶଗ୍ରହଣକାରୀଙ୍କ ପାଇଁ ଏହା ଏକ ଭଲ ସୁଯୋଗ। ବ୍ୟବହାରିକ ତଥା ପ୍ରାୟୋଗିକ-ପ୍ରଶିକ୍ଷଣ ଉପରେ ମାନବ ସମ୍ବଳ ବିକାଶ କେନ୍ଦ୍ରର ସମସ୍ତ କର୍ମଶାଳା ପର୍ଯ୍ୟବେସିତ ହେଉଥିବା ହେତୁ ଗବେଷକ ଓ ଶିକ୍ଷକମାନଙ୍କ ନିମିତ୍ତ ଏହା ଗୁଣାତ୍ମକ ଓ ମୂଲ୍ୟବୋଧ ଭିତ୍ତିକ ହୋଇପାରିଛି ବୋଲି କୁଳପତି ପ୍ରଫେସର ତ୍ରିପାଠୀ ପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ରବିଶଙ୍କର ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଡ. ରାଜୀବ କୁମାର ଚୌଧୁରୀ ଯୋଗଦେଇ ବର୍ତ୍ତମାନ ଏହି ଏସ୍‌ପିଏସ୍‌ଏସ୍ ସଫ୍ଟୱେରରେ ଆସିଥିବା ଅନେକ ନୂତନ ଫିଚର୍ ଗୁଡ଼ିକ ଗୁଣାତ୍ମକ ଗବେଷଣା କ୍ଷେତ୍ରରେ କିପରି ସହାୟକ ହୋଇପାରୁଛି ତା'ର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ମନୋରଞ୍ଜନ ମିଶ୍ର କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ମାନବ ସମ୍ବଳ ବିକାଶ କେନ୍ଦ୍ରର ଉପ ନିର୍ଦ୍ଦେଶକ ଡ. ଦେବଦତ୍ତ ଦାସ ପ୍ରକୃତରେ ଏହିଏସ୍‌ପି ଏସ୍‌ଏସ୍ ହେଉଛି ସାମାଜିକ-ବିଜ୍ଞାନ କ୍ଷେତ୍ରରେ ପରିସଂଖ୍ୟାନଗତ ତଥ୍ୟ ବିଶ୍ଳେଷଣ ପାଇଁ ବ୍ୟବହୃତ ଏକ ସଫ୍ଟୱେର୍ ପ୍ୟାକେଜ୍, ଯାହାକି 'ଆଇବିଏମ୍ ଏସ୍ ପି ଏସ୍ ଏସ୍ ପରିସଂଖ୍ୟାନ' ଭାବରେ ମଧ୍ୟ ଜଣାଶୁଣା। ସମାଜ ବିଜ୍ଞାନ ବ୍ୟତୀତ ବର୍ତ୍ତମାନ ଏହାର ବ୍ୟବହାର ଅନ୍ୟ ବିଦ୍ୟା କ୍ଷେତ୍ରରେ ବିସ୍ତାରିତ ହୋଇପାରିଛି ବୋଲି ପ୍ରକାଶ କରିଥିଲେ। ଏହି କର୍ମଶାଳାରେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ୪୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ, ଗବେଷକ ଓ ଶିକ୍ଷାବିତ୍ ଅଂଶଗ୍ରହଣ କରିଛନ୍ତି। ମାନବ ସମ୍ବଳ ବିକାଶ କେନ୍ଦ୍ରର ସଦସ୍ୟ ଡ. ରାଜଶ୍ରୀ ଦତ୍ତ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ଡ. ସଚିତା ନନ୍ଦଶା କୃତଜ୍ଞତା ଜ୍ଞାପନ କରିଥିଲେ। ଆସନ୍ତା ୨୪ ତାରିଖରେ ଏହି ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଯାପିତ ହେବ।

### ଓଡ଼ିଶାର ୪୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ, ଗବେଷକ ଓ ଶିକ୍ଷାବିତ୍‌ଙ୍କ ଅଂଶଗ୍ରହଣ

# ବିବେକାନନ୍ଦ ବିଦ୍ୟାମନ୍ଦିରରେ ବାର୍ଷିକ ଉତ୍ସବ



**ଚୌକି, ୨୨।୧(ସମିସ)**

ଭୋଗରାଇ ବ୍ଲକ କୁଚିଳାଡାଙ୍ଗରସ୍ଥିତ ବିବେକାନନ୍ଦ ବିଦ୍ୟା ମନ୍ଦିରର ଅଷ୍ଟମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଅନୁଷ୍ଠାନର ସ୍ଥାୟୀ ସଭାପତି ତଥା ଯୁବନେତା ଭଗବାନ ଚନ୍ଦ୍ର ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ପଣ୍ଡିତ ହରିହର ପଣ୍ଡା ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଚକେଇସବ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ବ୍ୟଙ୍ଗ କଥାକାର ହରିହର ପାତ୍ର, ବିଶିଷ୍ଟ ବ୍ୟକ୍ତୀ ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଉତ୍ସବ କୁମାର କର, ସାମ୍ବାଦିକ ଦିଲ୍ଲୀପ କୁମାର ଦାସ, ସିଆରସିସି ଅଶୋକ କୁମାର ସାହୁ, ଅଶୋକ କୁମାର ଦାସ, ନିମାତ ପୁର ସରପଞ୍ଚ ରାଜେନ୍ଦ୍ର ଦଳାଇ, ସମ୍ମାନିତ ଅତିଥି ଭାବରେ ସମାଜସେବୀ ହରିଶ୍ଚନ୍ଦ୍ର ପରିଡ଼ା, ଧୀରେନ୍ଦ୍ର ପ୍ରଧାନ, ସୁଧୀର ଦଳାଇ, ମନ୍ମଥ ପ୍ରଧାନ, ନିତ୍ୟାନନ୍ଦ ଗିରି ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଗୁରୁଜୀ ନାରାୟଣ ଚନ୍ଦ୍ର ସାହୁ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ ଓ ଗୁରୁଜୀ ମୃତ୍ୟୁଞ୍ଜୟ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ହରିଶ୍ଚନ୍ଦ୍ର ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ।ଶେଷରେ ଗୁରୁଜୀ ସୁମନ୍ତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# କର୍ମଚାରୀଙ୍କ ମୃତ୍ୟୁରେ ବ୍ଲକ ପ୍ରଶାସନର ଶ୍ରଦ୍ଧାଞ୍ଜଳି




**ଜଳେଶ୍ୱର ବ୍ଲକ, ୨୨।୧ (ସମିସ):** ଗତକାଲି ସନ୍ଧ୍ୟାରେ ବ୍ଲକରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀ ରବୀନ୍ଦ୍ର ପାଳ (ଛୋଟା)ର ରାଜଘାଟ ସ୍ଥିତ ଟୋଲଗେଟ୍ ବଜାରରେ ମଟର ସାଇକେଲ ଧକ୍କାରେ ମୃତ୍ୟୁ ଘଟିଥିଲା।ଏଥିପାଇଁ ଗତକାଲି ରାତିରେ ଜଳେଶ୍ୱର ବିଡିଓ ଓ ଅନ୍ୟ କେତେକ କର୍ମଚାରୀ ବସ୍ତା ଡାକ୍ତରଖାନାକୁ ଯାଇ ଶେଷ ଦର୍ଶନ କରିଥିଲେ। ଆଜି ଅପରାହ୍ନରେ ଜଳେଶ୍ୱର ବ୍ଲକ ସମ୍ମିଳନୀ କକ୍ଷରେ ସ୍ୱର୍ଗତ ପାଳଙ୍କ ପାଇଁ ଏକ ଶ୍ରଦ୍ଧାଞ୍ଜଳି ସଭା ବିଡିଓ ପୁନମ ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ହୋଇଥିଲା।ଉକ୍ତ କାର୍ଯ୍ୟକ୍ରମରେ ବିଡିଓଙ୍କ ସମେତ ଜିପିଇଓ ସୋମନାଥ ବେହେରା, ବ୍ଲକ ମୁଖ୍ୟ କିରାଣୀ ମନ୍ଦାକିନୀ ସିଂ, ବିପିଏମ୍ ମଧୁମିତା ଦାସ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସୌମ୍ୟ ରଞ୍ଜନ ସାହୁ, ସିପି ସୁଜିତ୍ କୁମାର ଜେନା, ଏପିଓ ପାୟଲ ସାହୁ, କନିଷ୍ଠ ଯନ୍ତ୍ରୀ ଗୌତମ ନାୟକ, ପିଇଓ ଅଞ୍ଜନ ଗୋଛାୟତ, ତାରାକାନ୍ତ ସେନାପତି ଓ ଶଶିକାନ୍ତ ସିଂଙ୍କ ସହ ସୁରେନ୍ଦ୍ର ଭୂୟାଁ, ମାନସ କୁମାର ପାତ୍ର ଓ ଉମେଶ ପାତ୍ର ଯୋଗଦେଇ ଦୁଇ ମିନିଟ ନିରବ ପ୍ରାର୍ଥନା ସହିତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସ୍ୱର୍ଗତ ପାଳ ବ୍ଲକରେ ଅସ୍ଥାୟୀ ଭାବରେ କାର୍ଯ୍ୟ ସୂଚାରୁରୂପେ କରି ବ୍ଲକର ସମସ୍ତ କର୍ମଚାରୀ ତଥା ଜନସାଧାରଣଙ୍କ ପ୍ରିୟଭାଜନ ଥିଲେ ବୋଲି ବିଡିଓ ପୁନମ ରାଉତ୍ କହିଥିଲେ।

## ବରିଷ୍ଠ ସାମ୍ବାଦିକ ଅରୁଣ ପଣ୍ଡାଙ୍କ ବିୟୋଗରେ ଓୟୁଜେର ଶୋକ

**ବାଲେଶ୍ୱର, ୨୨।୧(ସମିସ):** ବରିଷ୍ଠ ସାମ୍ବାଦିକ ଅରୁଣ ପଣ୍ଡାଙ୍କ ବିୟୋଗରେ ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୬ ବର୍ଷ ବୟସ ହୋଇଥିଲା। ଶ୍ରୀ ପଣ୍ଡା ଏକାଧାରରେ ଜଣେ ବରିଷ୍ଠ ସାମ୍ବାଦିକ, ସ୍ତମ୍ଭକାର, ଗାଳ୍ପିକ ଓ ଲେଖକ ଭାବରେ ନିଜର ଛାପ ଛାଡ଼ିଯାଇଛନ୍ତି। ତାଙ୍କ ଭଳି କର୍ତ୍ତବ୍ୟନିଷ୍ଠ, ଉଦୀୟମାନ, ନିର୍ଭିକ ବହୁ ପ୍ରତିଭାର ଅଧିକାରୀ, ପରୋପକାରୀ ଏବଂ ଶାଣିତ ବକ୍ତବ୍ୟ ରଖୁଥିବା ଶ୍ରୀ ପଣ୍ଡାଙ୍କ ପାଇଁ ସାମ୍ବାଦିକ ଜଗତରେ ଏକ ଶୂନ୍ୟ ସ୍ଥାନ ସୃଷ୍ଟି ହେଲା।

**ଓଡ଼ିଆ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ**

# 'ଛାତ୍ରଛାତ୍ରୀଙ୍କୁ ସାହିତ୍ୟ ଓ ସଂସ୍କୃତି ମନସ୍କ ହେବାକୁ ବାର୍ତ୍ତା'

**ଜଳେଶ୍ୱର ବ୍ଲକ, ୨୨।୧ (ସମିସ)**

ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଖୁଲୁଡା ଗ୍ରାମ ପଞ୍ଚାୟତର ଖୁଲୁଡ଼ା ଶୀତଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ସରକାରଙ୍କର ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସୃଜନଶୀଳତା ଉତ୍ସବ-୨୦୨୪ ଅନୁଷ୍ଠିତ ହୋଇ ଯାଇଛି। ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ. ଅଜିତ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ଆଧ୍ୟାତ୍ମିକ ଶିକ୍ଷା ଶିକ୍ଷାର୍ଥୀଙ୍କ ଭବିଷ୍ୟତ ସୁଗମ କରିଥାଏ ବୋଲି କହିଥିଲେ। ଉଦ୍‌ଘାଟକ ତଥା ମୁଖ୍ୟଅତିଥି ଭାବେ ସାରସ୍ୱତ ସାଧକ ପ୍ରାକ୍ତନ ଅଧ୍ୟକ୍ଷ ବିପିନ ବିହାରୀ ବିଶ୍ୱାଳ ଯୋଗଦେଇ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ।ନିଷ୍ଠା, ଭକ୍ତି, ଏକାଗ୍ରତା ଦ୍ୱାରା ସଫଳତା ମିଳିଥାଏ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରାକ୍ତନ ଶିକ୍ଷକ ଗୁରୁପ୍ରସାଦ ରାଉଳ ଯୋଗଦେଇ ତାଙ୍କ ବକ୍ତବ୍ୟରେ କହିଥିଲେ ଭାଷା ସାହିତ୍ୟ ଓ ସୃଜନଶୀଳତା ଆମ ଜାତୀୟ ଜୀବନର ଅତ୍ୟନ୍ତ ଜରୁରୀ ବୋଲି ପ୍ରକାଶ କରିଥିଲେ। ସହକାରୀ ଶିକ୍ଷକ ସଞ୍ଜୟ କୁମାର ପାକଳ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ବିଜ୍ଞାନ ଶିକ୍ଷକ ଅଞ୍ଜନ କୁମାର ପ୍ରଧାନ, ଶିକ୍ଷୟିତ୍ରୀ ମୌସୁମୀ ଗୁପ୍ତା, ଶିକ୍ଷୟିତ୍ରୀ ଆର୍ ମୋଲିନା, ଦୀପକ ପାତ୍ର, ସୁଜିତ କୁମାର ସିଟ୍ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସଞ୍ଜିବ କୁମାର ଗିରି, ପୂର୍ଣ୍ଣଚନ୍ଦ୍ର ଗିରି, କମଳାକାନ୍ତ ସାମଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥଲେ।

ବିଦ୍ୟାଳୟର ଶିକ୍ଷୟିତ୍ରୀ ମୌସୁମୀ ଗୁପ୍ତା ମଞ୍ଚ ଆହ୍ୱାନ କରିବା ସହିତ ଜଗନ୍ନାଥ ଅଷ୍ଟକମ୍ ସ୍ତୋତ୍ର ପାଠ କରିଥିଲେ। ଜିଜ୍ଞାସା ଓ କ୍ରୀଡାଙ୍ଗନା କ୍ଲବର ମୁଖ୍ୟ ସହକାରୀ ଶିକ୍ଷକ ଅଞ୍ଜନ କୁମାର ପ୍ରଧାନ, କୌଶଳୀ କ୍ଲବର ମୁଖ୍ୟ ସହକାରୀ ଶିକ୍ଷକ ସଞ୍ଜୟ କୁମାର ପାକଳ, ସାହିତ୍ୟ ସୃଜନୀ କ୍ଲବର ମୁଖ୍ୟ ସହକାରୀ ଶିକ୍ଷୟିତ୍ରୀ ମୌସୁମୀ ଗୁପ୍ତା ପ୍ରମୁଖ କ୍ଲବ ଗୁଡ଼ିକ ପରିଚାଳନା କରିଥିଲେ। ସାହିତ୍ୟ, ବିଜ୍ଞାନ, ଗଣିତ, କ୍ରୀଡା ତଥା ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଆଦି ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ସଭାପତି ଓ ମୁଖ୍ୟ ଅତିଥି ତଥା ସମ୍ମାନିତ ଅତିଥି ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମକୁ ସଫଳତାର ସହିତ ସମ୍ପାଦନା କରିଥିଲେ। ଦୀପକ ପାତ୍ର, ଆର ମୋଲିନା, ମୌସୁମୀ ଗୁପ୍ତା, ସଞ୍ଜିବ କୁମାର ଗିରି, କମଳାକାନ୍ତ, ପୂର୍ଣ୍ଣଚନ୍ଦ୍ର ଗିରି, କମଳାକାନ୍ତ ସାମଲ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଅଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ

ବାଲିଆପାଳ ବ୍ଲକ କାଳିପଦା ବଜାର ନିକଟସ୍ଥ ଜଗାଇସ୍ଥିତ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟରେ ନୂଆ-ଓ ଓଡିଆ ସାହିତ୍ୟ ପ୍ରତିଯୋଗିତା ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ହରପ୍ରିୟା ଦାସଙ୍କ ସଭାପତିତ୍ୱରେ



ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି ସଭାକାର୍ଯ୍ୟରେ ଓଡିଆ ବିଭାଗ ଅଧ୍ୟାପକ ଦୟାନିଧି ସାହୁ ଆମନ୍ତ୍ରିତ ଅତିଥି ମାନଙ୍କୁ ମଞ୍ଚକୁ ଆହ୍ୱାନ କରି ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଓ ସରକାରଙ୍କ ଭାଷା, ସାହିତ୍ୟ, ଜଗନ୍ନାଥ ସଂସ୍କୃତିର ପ୍ରଚାର ନିମିତ ପଦକ୍ଷେପ ତଥା ଉଦ୍ଦେଶ୍ୟ ସମ୍ବନ୍ଧରେ ପ୍ରାରମ୍ଭିକ ସୂଚନା ରଖିଥିଲେ। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ରବୀନ୍ଦ୍ର ନାଥ ବିଶ୍ୱାଳ ଓଡିଆ ଭାଷାର ମହତ୍ୱ ବଖାଣି ଥିବା ବେଳେ ମୁଖ୍ୟବକ୍ତା ଭାବେ ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ବିଶ୍ୱମ୍ଭର ଜେନା ପିଲାମାନଙ୍କୁ ସାହିତ୍ୟ ଓ ସଂସ୍କୃତି ମନସ୍କ ହେବାକୁ ବାର୍ତ୍ତାପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଭାବେ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ବାରିକ, ଅଧ୍ୟାପକ ପ୍ରଭାତ କୁମାର ଜେନା, ବିଜୟ କୁମାର ଜେନା ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କର ଶିକ୍ଷାର ବିକାଶ ସହିତ ସାହିତ୍ୟ ଓ ସଂସ୍କୃତିର ଜ୍ଞାନ ଏକାନ୍ତ ଆବଶ୍ୟକ ବୋଲି ମତ ରଖିଥିଲେ। ଅଧ୍ୟାପକ ବିଦ୍ୟାଧର କୁହ୍ଳାରୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ସୁବର୍ଣ୍ଣରେଖା ମହାବିଦ୍ୟାଳୟରେ 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା



**ବାଲିଆପାଳ, ୨୨।୧(ସମିସ):** ବାଲିଆପାଳ ବ୍ଲକ ଅନ୍ତର୍ଗତ ଦେଭୋଗସ୍ଥିତ ସୁବର୍ଣ୍ଣରେଖା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସୁବର୍ଣ୍ଣରେଖା ମହାବିଦ୍ୟାଳୟରେ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀମାନଙ୍କ ସ୍ତରେ ବିଭିନ୍ନ ପ୍ରତିଯୋଗିତା ଯଥା ଓଡିଆ କବିତା ଲିଖନ, ଗଳ୍ପ ଲିଖନ, ହସ୍ତାକ୍ଷର, ବ୍ୟାକରଣ ଦକ୍ଷତା, ଓଡିଆ ଭଜନ, ଜଗନ୍ନାଥଙ୍କ ବିଷୟରେ ଭକ୍ତିଗୀତ ପ୍ରମୁଖ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଗୌରାଙ୍ଗ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରତିଯୋଗିତା କାର୍ଯ୍ୟକ୍ରମରେ ବିଚାରକ ଭାବରେ ମହାବିଦ୍ୟାଳୟର ଓଡିଆ ବିଭାଗର ମୁଖ୍ୟ ଅଧ୍ୟାପକ ଡ.ସନ୍ତୋଷ କୁମାର ସାହୁ, ଡ.କୃଷ୍ଣଚନ୍ଦ୍ର ପ୍ରଧାନ, ମନୋଜ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ଦାସ, ଅଧ୍ୟାପିକା ଡ. ଇମାମି ସାହୁ, ରଶ୍ମିତା ପାଢ଼ୀ, ରୁଚୀସୁଧା ମେହେର, ଶୁଭ୍ରାଞ୍ଜଳୀ ରାଉତ ପ୍ରମୁଖ ଯୋଗ ଦେଇ ପ୍ରତିଯୋଗୀ ଛାତ୍ରଛାତ୍ରୀ ମାନଙ୍କର ଦକ୍ଷତା ମୂଲ୍ୟାୟନ କରିବାରେ ସହଯୋଗ କରିଥିଲେ।



## ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା

# ‘ଜୟ ଶ୍ରୀରାମ’ ଧ୍ୱନିରେ କମ୍ପିଲା ଗାଁରୁ ସହର

ଠାକୁରମୁଣ୍ଡା/କୁଆମରା, ୨୨।୧(ସମିସ)



ଅଯୋଧ୍ୟାରେ ନୂତନ ଭବ୍ୟ ରାମ ମନ୍ଦିରରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଅବସରରେ ଠାକୁରମୁଣ୍ଡା ଅଞ୍ଚଳ ଉତ୍ସବମୁଖର ହୋଇଛି। ଏହି ଅବସରରେ ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା ହେବା ସହିତ ଭଜନ କୀର୍ତ୍ତନ ଆୟୋଜିତ ହୋଇଥିଲା। ରାମ, ସୀତା, ଲକ୍ଷ୍ମଣ ସହ ହନୁମାନଙ୍କ ସୁସଜିତ ଏକ ରଥ ରୁଗୁଡିବେଡା ସୀତାରାମ ମନ୍ଦିରରୁ ଏକ ଶୋଭାଯାତ୍ରା ବାହାରି ରୁଗୁଡିବେଡା, ଚମକପୁର, ଠାକୁରମୁଣ୍ଡା, ଖମଡ଼ିହା, ଖୁଣ୍ଟାପୋଷି, ଦିଗଧର, ମିଟୁଆଣି, ଖେଡି ଆପୋସି, ସୁନିନ୍ଦା ଗ୍ରାମ ପରିକ୍ରମା କରିଥିଲା। ସେହିପରି ତଳପଦା ଠାକୁରାଣୀ ମଣ୍ଡପ, କେନ୍ଦୁଜିଆଣି ଶିବ ମନ୍ଦିର, ମହୁଲଡ଼ିହା ନିକଟ ଘୁଲୁଘୁଲିଆ ହନୁମାନ ମନ୍ଦିର, ଦୁବପାଳ ଶିବ ମନ୍ଦିର, ସୁନିନ୍ଦା ଶିବ ମନ୍ଦିର, ମିଟୁଆଣି ହନୁମାନ ମନ୍ଦିର, ଖୁଣ୍ଟାପୋଷି ଶନିମନ୍ଦିର, ତରାମରା ସଂକୀର୍ତ୍ତନ ମଣ୍ଡପ ସମେତ ବିଭିନ୍ନ ଗ୍ରାମରେ ପୂଜାର୍ଚ୍ଚନା ଭଜନ କୀର୍ତ୍ତନ, ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ହନୁମାନ ଛକରେ ଉତ୍ସବର ସିଧା ପ୍ରସାରଣ ଦେଖିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ବିଭିନ୍ନ ଗ୍ରାମରେ ମହିଳା ନିଜ ଘରେ ଝୋଟି ଦେଇ କଳସ ସ୍ଥାପନ କରି ଦୀପ ଜାଳିଥିଲେ।



**ଖିଚିଂ:** ରାମଲାଲାଙ୍କ ଅଯୋଧ୍ୟାରେ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅବସରରେ ମା’ କୀଚକେଶ୍ୱରୀଙ୍କ ପୀଠରେ ନାମ ଯଜ୍ଞ କମିଟି ତରଫରୁ ଖିଚିଂ ପଞ୍ଚାୟତର ପ୍ରତ୍ୟେକ ଗ୍ରାମରେ ପୁରୁଷ ଓ ମହିଳା ଭକ୍ତଙ୍କ ସମାବେଶ ହେବା ସହିତ ନଗର କୀର୍ତ୍ତନ ହୋଇ ମା’ଙ୍କ ମନ୍ଦିର ପରିକ୍ରମା କରାଯାଇଥିଲା। ପରେ ନାମ ଯଜ୍ଞ ମଣ୍ଡପ ଠାରେ ରାମଲାଲାଙ୍କ ଉଦ୍ଦେଶ୍ୟରେ ପୂଜାର୍ଚ୍ଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଖିଚିଂ ଗ୍ରାମ ପଞ୍ଚାୟତର ସମସ୍ତ ଗ୍ରାମବାସୀ ଯୋଗଦାନ କରି ରାମଲାଲାଙ୍କୁ ପ୍ରଣିପାତ କରିବା ସହ ଆଶିର୍ବାଦ ଭିକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁଶାନ୍ତ ନାଏକ, ହରିଶ୍ ଚନ୍ଦ୍ର ନାଏକ, ହିମାଂଶୁ ନାଏକ, ହରେକୃଷ୍ଣ ନାଏକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।




**ଖୁଣ୍ଟା:** ବହୁ ପ୍ରତୀକ୍ଷିତ ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠାକୁ ନେଇ ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ଉତ୍ସବମୁଖର ହୋଇପଡ଼ିଛି। ଏହି ଐତିହାସିକ ଦିବସକୁ ପାଳନ କରିବା ପାଇଁ ଜନସାଧାରଣଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଏହି କ୍ରମରେ ଖୁଣ୍ଟା ମିନିଷ୍ଟାଡ଼ିୟମ ପରିସରରେ ଥିବା ହନୁମାନ ମନ୍ଦିର ରାମମୟ ହୋଇ ପଡ଼ିଥିବା ଦେଖିବାକୁ ମିଳିଥିଲା। ଇତ୍ୟବସରରେ ହନୁମତ କୃପା ପରିଷଦ ଖୁଣ୍ଟା ପକ୍ଷରୁ ଭକ୍ତମାନଙ୍କ ନିମନ୍ତେ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ଛୋଟ ଛୋଟ ଶିଶୁଙ୍କୁ ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ରୂପରେ ସୁସଜ୍ଜିତ କରାଯାଇ ଏକ ରଥରେ ବସାଇ ଶତାଧିକ ଶ୍ରଦ୍ଧାଳୁଙ୍କ ଗହଣରେ ଶୋଭାଯାତ୍ରା ହନୁମାନ ମନ୍ଦିର ପରିସରରୁ ବାହାରି ଖୁଣ୍ଟା ପଞ୍ଚାୟତ ପରିକ୍ରମା କରିଥିଲା। ଯାହାକୁ ନେଇ ସମଗ୍ର ଅଞ୍ଚଳରେ ଭକ୍ତିଭାବ ପରିବେଶ ସୃଷ୍ଟି କରିଥିଲା। ଅପରପକ୍ଷେ ୨୧ ତାରିଖରୁ ଖୁଣ୍ଟା ହନୁମାନ ମନ୍ଦିରରେ ଅଖଣ୍ଡ ରାମଚରିତ ମାନସ ପଠନ, ରାମସ୍ତୁତି କରାଯାଇଛି। ଆଗାମୀ ଫେବୃୟାରୀ ୪ ତାରିଖ ପର୍ଯ୍ୟନ୍ତ ମନ୍ଦିର ପରିସରରେ ନବାହ୍ନ ପାରାୟଣ, ଯଜ୍ଞ, ପ୍ରବଚନ ଆଦି ଅନୁଷ୍ଠିତ ହେବ।



**ବିଶୋଇ:** ଆଜି ଅଯୋଧ୍ୟା ନଗରୀରେ ଶ୍ରୀରାମ ମନ୍ଦିରରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ନେଇ ଗାଁ ଠାରୁ ଆରମ୍ଭ କରି ସାରା ଭାରତ ବର୍ଷ ଉତ୍ସବ ମୁଖର ହୋଇପଡ଼ିଛି। ଏହି ଅବସରରେ ଆଜି ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ଛକ ସ୍ଥିତ ବଜରଙ୍ଗୀ ପୀଠ ଚଳଚଞ୍ଚଳ ହୋଇପଡ଼ିଛି। ଆଜି ସକାଳୁ ଶତାଧିକ ଶ୍ରଦ୍ଧାଳୁ ପୀଠରେ ଏକତ୍ରିତ ହୋଇ ହନୁମାନ ଓ ରାଧାକୃଷ୍ଣ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ସେହିପରି ସନ୍ଧ୍ୟାରେ ଶତାଧିକ ମହିଳା ଓ ପୁରୁଷ ସାମୂହିକ ଦୀପ ପ୍ରଜ୍ୱଳନ କରିଥିଲେ। ଜୟ ଶ୍ରୀରାମ ଧ୍ୱନିରେ ପୀଠ ପ୍ରାଙ୍ଗଣ ପ୍ରକମ୍ପିତ ହୋଇଥିଲା। ପରେ ପୀଠ ପ୍ରାଙ୍ଗଣରେ ମୁରୁଜରେ ନିର୍ମିତି ଶ୍ରୀରାମଙ୍କ ଚିତ୍ରରେ ୧୦୮ ଟି ଦୀପ ପ୍ରଜ୍ୱଳନ କରାଯାଇଥିଲା। ଶେଷରେ ଭକ୍ତମାନଙ୍କୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।



**ଶୁକୁଳି:** ଅଯୋଧ୍ୟାରେ ଶ୍ରୀରାମଙ୍କ ମୂର୍ତ୍ତି ସ୍ଥାପନ ଉଦ୍ଦେଶ୍ୟରେ ପାଣ୍ଡରଶିଳ ଲକ୍ଷ୍ମୀନାରାୟଣ ମନ୍ଦିରରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ କରାଯାଇଥିଲା। ଏଥିରେ କର୍ତ୍ତା ଶ୍ରୀକୃଷ୍ଣ ଚନ୍ଦ୍ର ସାହୁ ସପତ୍ନୀକ ଯୋଗ ଦେଇଥିଲେ। ପୂଜକ ପ୍ରଶାନ୍ତ କୁମାର ପଣ୍ଡା ଯଥାବିଧି ଅନୁସାରେ ପୂଜା କାର୍ଯ୍ୟ ହୋମଯଜ୍ଞ ସମାପନ କରିଥିଲେ। ଉକ୍ତ କାର୍ଯ୍ୟକୁ ପରମେଶ୍ୱର ସାହୁ, ବନମାଳୀ ନାୟକ, ସୁଧାକାନ୍ତ ସାହୁ, ନାରାୟଣ ସାହୁ, ବିଜୟ ସାହୁ ସହଯୋଗ କରିଥିଲେ। ପରିଶେଷରେ ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ବଣ୍ଟନ କରାଯିବା ସହିତ ସନ୍ଧ୍ୟାରେ ସମୂହ ଦୀପ ପ୍ରଜ୍ୱଳନ କରାଯାଇଥିଲା।

---

● ଯୁବକଙ୍କ ସହିତ ବୋହୂର ଅନୈତିକ ସମ୍ପର୍କ

## କାଠଫାଳିଆରେ ପିଟି ଶଶୁରକୁ ହତ୍ୟାକଲା ଅଭିଯୁକ୍ତ

ବେତନଟୀ, ୨୨।୧(ସମିସ): ବୋହୂର ଅନୈତିକ ସମ୍ପର୍କକୁ ଦେଖିଦେବା ପରେ ଉତ୍ତ୍ୟକ୍ତ ହୋଇ ଶଶୁର ପ୍ରତିବାଦ ସହିତ ଅଭିଯୁକ୍ତ ଯୁବକକୁ ଆକ୍ରମକଣ କରିଥିଲା। ତେବେ ଅଭିଯୁକ୍ତ ଯୁବକ ଜଣକ ପ୍ରତିଆକ୍ରମଣ କରିବାରୁ ଶଶୁରର ମୃତ୍ୟୁ ଘଟିଛି। ଏ ନେଇ ସୋମବାର ଏକ ହତ୍ୟାକାଣ୍ଡ ଜନିତ ମାମଲା ରୁଜୁକରି ଅଭିଯୁକ୍ତ ହତ୍ୟାକାରୀକୁ ଗିରଫ କରିବା ସହିତ କାଠଫାଳିଆକୁ ଜବତ କରିଛି ପୁଲିସ। ଏଭଳି ଘଟଣା ଦେଖିବାକୁ ମିଳିଛି ବେତନଟୀ ଥାନା ବଡଜାମବଣି ଫାଣ୍ଡି ଅଧୀନ ଡାକୋଇ ଅମଣନାମା ଖଡିଆସାହିରେ। ଗିରଫ ଅଭିଯୁକ୍ତ ହେଲେ ଅମଣନାମା ଗ୍ରାମର ବାଙ୍ଗରା ଓରଫ ଚରଣ ସୋରେନର ପୁଅ ରାମ ସୋରେନ (୩୨)। ଗ୍ରାମବାସୀଙ୍କ ସୂଚନା ମୁତାବକ, ଶନିବାର ଖଡିଆସାହିର ନିଜର ପିଉସୀ ଘରକୁ ରାମ ସୋରେନ ଯାଇଥିଲା। ସେଠାରେ ବୋହୂ ସହିତ ରାମକୁ ଅସଜ୍ଞାତ ଅବସ୍ଥାରେ ଦେଖି ଶଶୂର ରଞ୍ଜିତ ଦେହୁରୀ (୫୮) ଉତ୍ତେଜିତ ହୋଇପଡ଼ିଥିଲା। ପରେ ପାଖରେ ଜଳୁଥିବା ଏକ କାଠଫାଳିଆରେ ରାମକୁ ଆକ୍ରମଣ କରିଥିଲେ। ନିଜକୁ ବଞ୍ଚାଇବାକୁ ରାମ ସେଠାରୁ ଖସି ଆସି ପିଉସୀ ଘରପାଖକୁ ପଳାଇ ଆସିଥିଲା। ରଞ୍ଜିତ ପୁଣି ଉପରକୁ ଆକ୍ରମଣ କରିବାକୁ ଆସୁଥିବା ଦେଖି ରାମ ପାଖରେ ପଡ଼ିଥିବା ଏକ କାଠଫାଳିଆରେ ରଞ୍ଜିତକୁ ନିସ୍ତୁକ ମାଡ ମାରିଥିଲା। ରବିବାର ସକାଳେ ଘରକୁଫେରି ରଞ୍ଜିତକୁ ରକ୍ତାକ୍ତ ଅବସ୍ଥାରେ ପଡ଼ିରହିଥିବା ଦେଖି ପରିବାରଲୋକେ କିଷାନତାଣ୍ଡି ଡାକ୍ତରଖାନାକୁ ନେଇଥିଲେ। ପରେ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ବିଳମ୍ବିତ ରାତିରେ ରଞ୍ଜିତଙ୍କ ମୃତ୍ୟୁ ଘଟିଛି। ପୁଲିସ ସାଇଣ୍ଟିଫିକ୍ ଟିମ ସହିତ ତଦନ୍ତ ଚଳାଇଛି।

## ଅନୁକୂଳଚନ୍ଦ୍ରଙ୍କ ୧୩୬ତମ ଜନ୍ମ ମହୋତ୍ସବ ପାଳିତ



କରଞ୍ଜିଆ, ୨୨।୧(ସମିସ): ଆଜି କରଞ୍ଜିଆ ସତସଙ୍ଗ ବିହାର ଆନୁକୂଲ୍ୟରେ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୬ତମ ଜନ୍ମ ମହୋତ୍ସବ ଆଡମ୍ବର ସହକାରେ ପାଳିତ ହୋଇଛି। ଏଥିରେ ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଅନୁରାଗୀ ଯୋଗଦେଇଥିଲେ। ପ୍ରତ୍ୟୁଷରେ ବେଦ ମାଙ୍ଗଳିକ ଏବଂ ଉଷା କୀର୍ତ୍ତନ ସହିତ ଉତ୍ସବର ଶୁଭ ଉଦଘାଟନ ହୋଇଥିଲା। ଏହି ଅବସରରେ ସୁସଜ୍ଜିତ ରଥରେ ଶ୍ରୀ ଶ୍ରୀ ଠାକୁରଙ୍କ ପ୍ରତିମୂର୍ତ୍ତି ସହିତ ନଗର କୀର୍ତ୍ତନ କରାଯାଇଥିଲା। ପରେ ସତସଙ୍ଗ ବିହାର ପ୍ରାଙ୍ଗଣରେ ସତସଙ୍ଗ ସଦାଲୋଚନା ଆରମ୍ଭ ହୋଇଥିଲା। ପ୍ରଫୁଲ୍ଲ ଚନ୍ଦ୍ର ଗିରି (ସ. ପ୍ର. ର.)ଙ୍କ ପରିଚାଳନାରେ ଅନୁଷ୍ଠିତ ସତସଙ୍ଗରେ ସୁନୀଲ ବାରିକ, ଡଲି ରାଣୀ ଦାସ, ପ୍ରତାପ ପଶୁପାଳକ, ରାଧାକୃଷ୍ଣ ପ୍ରଧାନ, କେଦାର ନାଥ ପାଢ଼ୀ ଏବଂ ପ୍ରଦୀପ ବାରିକ ପ୍ରମୁଖ ଭଜନକୀର୍ତ୍ତନ ପରିବେଷଣ କରିଥିଲେ। ଡା. ବୀରେଶ୍ୱର ଜ୍ୟୋତିଷୀ ଜୀବନର ପ୍ରତି ପଦକ୍ଷେପରେ ଜଣେ ଜୀବନ୍ତ ଆଦର୍ଶଙ୍କ ଏକାନ୍ତ ଅପରିହାର୍ଯ୍ୟ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଇଂ. କୁମୁଦ ଚନ୍ଦ୍ର ପ୍ରଧାନ (ସ.ପ୍ର.ର), ମଣିଷର ସମଗ୍ର ଜୀବନର ଦୁଃଖ ଅଶାନ୍ତିର ମୂଳ କାରଣ ବୋଲି କହିଥିଲେ। ତେଣୁ ପୁରୁଷୋତ୍ତମ ହିଁ ସର୍ବାଦୌ ଗ୍ରହଣୀୟ ଓ ବରଣୀୟ ବୋଲି କହିଥିଲେ। ଏହି ଅବସରରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ମଧ୍ୟ ଆୟୋଜିତ ହୋଇଥିଲା। ଉପଖଣ୍ଡ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ, ଉପଖଣ୍ଡ ପୁଲିସ ଅଧିକାରୀ ସୁବ୍ରତ କୁମାର, ଆଇଆଇସି ନିରୋଦ କୁମାର ମଲ୍ଲିକ, କ୍ଷିରୋଦ ସ୍ୱାଇଁ, ବେଣୁଧର ମହାରଣା, ବୃନ୍ଦାବନ ମିଶ୍ର, ପରମା ନନ୍ଦ ମହାନ୍ତ, ଇଂ ଗଣପତି ମହାନ୍ତ ପ୍ରମୁଖ ବହୁ ଅନୁରାଗୀ ଯୋଗଦେଇଥିଲେ। ପ୍ରାୟ ୨ ହଜାର ଭକ୍ତ ଅନୁରାଗୀଙ୍କ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ମହେଶ୍ୱର ସାହା, ଶ୍ରୀହରି ମହାନ୍ତ, ନବୀନ ଦେଓ, ଦେବେନ୍ଦ୍ର ମହାନ୍ତ, ଗୋପୀନାଥ ମହାନ୍ତ, ଅଶ୍ୱିନୀ ମହାପାତ୍ର, ସରୋଜ ସାହୁ, ଚନ୍ଦ୍ରଶେଖର ଦାସ, ପ୍ରିୟବ୍ରତ ସିହ୍ନା ପ୍ରମୁଖ ସହାୟତା କରିଥିଲେ।

## ଆଶିଷ ଠାକ୍‌ରେ ମୟୂରଭଞ୍ଜର ନୂତନ ଜିଲ୍ଲାପାଳ; ବିଭୂତିଭୂଷଣ ନାୟକ ଅତିରିକ୍ତ ଜିଲ୍ଲାପାଳ



ବାରିପଦା, ୨୨।୧(ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ ଆଇଏଏସ୍ ସ୍ତରରେ ବଡ଼ଧରଣର ଅଦଳବଦଳ କରାଯାଇଛି। ଏ ନେଇ ସୋମବାର ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ପ୍ରକାଶ ବିଜ୍ଞପ୍ତି ଅନୁସାରେ, ମୟୂରଭଞ୍ଜ ଜିଲ୍ଲାର ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କୁ କଟକ ଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ତାଙ୍କ ସ୍ଥାନରେ କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକରେଙ୍କୁ ମୟୂରଭଞ୍ଜ ଜିଲ୍ଲାପାଳ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ମୟୂରଭଞ୍ଜ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ସମ୍ବଲପୁର ଜିଲ୍ଲାର ଜିଲ୍ଲାପାଳ ଭାବେ ବଦଳି ହୋଇଛି। ତାଙ୍କ ସ୍ଥାନରେ କୁଚିଣ୍ଡା ଉପଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କୁ ମୟୂରଭଞ୍ଜ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଭାବେ ଦାୟିତ୍ୱ ଦିଆଯାଇଛି।

## ଖାଇବାକୁ ନେଇ ଅସନ୍ତୁଷ୍ଟ ଛାତ୍ରଙ୍କ ରାସ୍ତା ଅବରୋଧ



ରାଇରଙ୍ଗପୁର, ୨୨।୧(ସମିସ): ସ୍ଥାନୀୟ କଚେରୀ ଷ୍ଟାଡିୟମ ପଡ଼ିଆରେ ଆମ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଫୁଟବଲ ପ୍ରତିଯୋଗିତା ଗତ ୧୭ ତାରିଖ ଆରମ୍ଭ ହୋଇ ୨୧ ତାରିଖ ଫାଇନାଲ ପ୍ରତିଯୋଗିତା ଅନୁଷ୍ଠିତ ହେଉଥିଲା। ଏଥିରେ ମୟୂରଭଞ୍ଜ ଜିଲ୍ଲାର ପ୍ରତି ବ୍ଲକର ବାଳକ, ବାଳିକା ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ୪ଟି ଟିମରେ ପାଖାପାଖି ୧୦୦ ଛାତ୍ର ଅଂଶଗ୍ରହଣ କରିଥିଲେ। ଦୁଇଟି ଗ୍ରୁପ୍ କରାଯାଇ ଫୁଟବଲ ଖେଳାଯାଉଥିଲା। ବାଳିକାଙ୍କ ଫାଇନାଲ ଖେଳ ଶେଷ ହୋଇଯାଇଥିବାବେଳେ ବାଳକମାନଙ୍କ ଖେଳ ଶେଷ ହେବାରେ ବିଳମ୍ବ ହୋଇଥିଲା। ପରେ ଫୁଟବଲ ଖେଳାଳିମାନେ ଖାଇବାରେ ଅସନ୍ତୁଷ୍ଟ ପ୍ରକାଶ କରି ରାଇରଙ୍ଗପୁର ସହରମୁଖ୍ୟ ମାର୍ଗ ବିଜୁ ପଟ୍ଟନାୟକ ଛକରେ ଭିଡ କରି ଗାଡିମଟର ଜାମ କରି ଦେଇଥିଲେ। ଏ ସମ୍ପର୍କରେ ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଥିଲା। ଖବର ପାଇ ରାଇରଙ୍ଗପୁର ଏବିଡିଓ ସୁରାଇ ମାର୍ଣ୍ଡି ପହଞ୍ଚି ବୁଝାସୁଝା କରିଥିଲେ ଏବଂ ଖେଳାଳିଙ୍କ ଖାଇବା ବ୍ୟବସ୍ଥା କରିଥିଲେ। ଏହା ଜିଲ୍ଲାସ୍ତରରେ ଖେଳ ହେଉଥିବାରୁ ଏଥିରେ ବିଜୟୀ ଖେଳାଳିଙ୍କୁ ବାରିପଦାରେ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯିବ।

## କାର୍ ଧକ୍କାରେ ୩ ଆହତ; ଜଣେ ଗୁରୁତର

ବାରିପଦା, ୨୨।୧(ସମିସ): ବାରିପଦା ସଦର ଥାନା ଅନ୍ତର୍ଗତ କ୍ଷେତ୍ର ପାଟଣା ଅଞ୍ଚଳର ମୁନସିବନ୍ଧ ଛକରେ ସୋମବାର ସନ୍ଧ୍ୟାରେ ଏକ କାର୍ ଧକ୍କାରେ ୩ ଜଣ ଆହତ ହୋଇଥିବାବେଳେ ଜଣେ ଗୁରୁତର ଥିବା ଜଣାପଡ଼ିଛି। ଦେଉଳି ପଟୁ ବାରିପଦା ଅଭିମୁଖେ ଆସୁଥିବା ଏକ କାରଟି ମୁନସିବନ୍ଧ ଛକରେ ଭାରସାମ୍ୟ ହରାଇ ରାସ୍ତାର ଡାହାଣ ପଟକୁ ମାଡି ବାଇକ, ସ୍କୁଟି ଓ ସାଇକଲକୁ ଧକ୍କା ଦେଇଥିଲା। ଫଳରେ ୩ଆହତ ହୋଇଥିଲେ। ହେଲେ ଜଣେ ସାଇକଲ ଆରୋହୀ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ବାରିପଦା ସ୍ଥିତ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୁଲିସ ପହଞ୍ଚି ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଖବର ଲେଖାହେବା ପର୍ଯ୍ୟନ୍ତ ଆହତଙ୍କ ପରିଚୟ ମିଳିପାରିନାହିଁ।

## ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

ଠାକୁରମୁଣ୍ଡା, ୨୨।୧(ସମିସ): ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ହାତୀଗୋଡ଼ା ଅଙ୍ଗନବାଡି କେନ୍ଦ୍ର ନିକଟ ପ୍ରଧାନମନ୍ତ୍ରୀ ସଡକରେ ସୋମବାର ସନ୍ଧ୍ୟାରେ ଏକ ବାଇକ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ଗୁରୁତର ଥିବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ବାଉଁଶଡ଼ିହା ଗ୍ରାମ ବନ୍ଧଡ଼ିପା ସାହିର ଚରଣ ମହାଲିଙ୍କ ପୁଅ ସମାଇ ମହାଲି (୨୫) ହାତୀଗୋଡ଼ା ବାଇକରେ ଯାଉଥିବାବେଳେ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଖସି ପଡ଼ିଥିଲେ। ଫଳରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଠାକୁରମୁଣ୍ଡା ଏବଂ ପରେ କଟକକୁ ସ୍ଥାନାନ୍ତର କରାଯାଇଛି।

## ବଡ଼ବାଣ୍ଠାରେ ହାତୀ ଭାଙ୍ଗିଲା ଘର

ବିଜାତଲା, ୨୨।୧(ସମିସ): ବିଜତଲା ବ୍ଲକ ସରଗଡ଼ା ପଞ୍ଚାୟତରେ ହାତୀ ଆତଙ୍କ ଦେଖାଦେଇଛି। ଏହି ପଞ୍ଚାୟତର ବଡ଼ବାଣ୍ଠା ଗାଁରେ ଭାଗମାତ ହେମ୍ବ୍ରମଙ୍କ ସରକାରୀ ଆବାସ ଯୋଜନାରେ ନିର୍ମାଣଧୀନ ଘରର କାନ୍ଥ ହାତୀ ଭାଙ୍ଗି ଦେଇଛି। ହାତୀଟି ରାତିରେ ସ୍ଥାନୀୟ ଅଞ୍ଚଳରେ ବିଚରଣ କରୁଥିବାରୁ ଲୋକେ ଭୟଭୀତ ରହିଛନ୍ତି। ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଲୋକେ ଦାବି ଜଣାଇଛନ୍ତି।

● ଜାତୀୟ ସ୍କୁଲ ପାଇପ୍ ବ୍ୟାଣ୍ଡ ପ୍ରତିଯୋଗିତା

## ଦ୍ରୌପଦୀ ବାଳିକା ହାଇସ୍କୁଲ ପ୍ରଥମ




ବାରିପଦା, ୨୨।୧(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକର ପଡ଼ିଆବେଡା ପଞ୍ଚାୟତର ଦ୍ରୌପଦୀ ବାଳିକା ହାଇସ୍କୁଲ ସୋମବାର ନୂଆଦିଲ୍ଲୀରେ ଅନୁଷ୍ଠିତ ଜାତୀୟ ପାଇପ ବ୍ୟାଣ୍ଡ ବାଳିକା ବର୍ଗରେ ଗୁଜୁରାଟକୁ ହରାଇ ପ୍ରଥମ ସ୍ଥାନ ଅଧିକାର କରିଛି। ଗତ ନଭେମ୍ବର ମାସରେ ଭୁବନେଶ୍ୱରର ୟୁନିଟ-୬ରେ ଅନୁଷ୍ଠିତ ଜୋନାଲ ସ୍ତରୀୟ ସ୍କୁଲ ବ୍ୟାଣ୍ଡ ପ୍ରତିଯୋଗିତାର ବାଳିକା ବର୍ଗରେ ଦ୍ରୌପଦୀ ବାଳିକା ଉଚ୍ଚବିଦ୍ୟାଳୟର ଟିମ ୧୧ଟି ରାଜ୍ୟକୁ ପଛରେ ପକାଇ ଜାତୀୟସ୍ତରକୁ ଉତ୍ତୀର୍ଣ୍ଣ ହୋଇଥିଲା। ନୂଆଦିଲ୍ଲୀର ମେଜର ଧ୍ୟାନଚାନ୍ଦ ଜାତୀୟ ଷ୍ଟାଡିୟମରେ ୨୨ ତାରିଖରେ ଅନୁଷ୍ଠିତ ଫାଇନାଲ ରାଉଣ୍ଡ ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରି ଚାମ୍ପିଅନ ହୋଇଛି। ଯାହା କି ମୟୂରଭଞ୍ଜ ତଥା ରାଜ୍ୟ ପାଇଁ ଗର୍ବ ଓ ଖୁସିର ବିଷୟ। କେନ୍ଦ୍ର ବିଦ୍ୟାଳୟ ଶିକ୍ଷା ଓ ସ୍ୱାକ୍ଷରତା ବିଭାଗ ମନ୍ତ୍ରୀ ସଞ୍ଜୟ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପଅନ ଦଳକୁ ପୁରସ୍କୃତ କରିଛନ୍ତି। ମଙ୍ଗଳବାର ବିଜୟୀ ଦଳ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରି ପ୍ରତ୍ୟାବର୍ତ୍ତନ କରିବେ ବୋଲି ସ୍କୁଲ ଶିକ୍ଷକ ତଥା ବ୍ୟାଣ୍ଡ ଦଳର ଗାଇଡ ଶିକ୍ଷକ ସତ୍ୟରଞ୍ଜନ ମହାକୁଡ ଦୈନିକ ‘ସକାଳ’କୁ କହିଛନ୍ତି। ଏହି ୨୫ ଜଣିଆ ବାଳିକା ଦଳ ସହିତ ସ୍କୁଲର ପ୍ରଧାନ ଶିକ୍ଷକ ମନୋରଞ୍ଜନ ମହାନ୍ତ, ଶିକ୍ଷୟିତ୍ରୀ ରୁକ୍ମଣୀ ମହାନ୍ତ ଓ ବ୍ୟାଣ୍ଡ ଶିକ୍ଷକ ଅନୁପ ଗୁରୁ ଯାଇଛନ୍ତି।

## ଉପଖଣ୍ଡସ୍ତରୀୟ ଜନଶୁଣାଣି; ୮ ଟି ଅଭିଯୋଗ ଶୁଣିଲେ ଜିଲ୍ଲାପାଳ

ଉଦଳା, ୨୨।୧(ସମିସ)



ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ କପ୍ତିପଦା ଉପଖଣ୍ଡ ଉଦଳାରେ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ଅତିରିକ୍ତ ଜିଲ୍ଲାପାଳ ଦୌଲତ୍ ଚନ୍ଦ୍ରକାର ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉମେଶ କୁମାର ପଣ୍ଡା ଯୋଗଦେଇ ୮ ଟି ଅଭିଯୋଗର ଶୁଣାଣି କରିଥିଲେ।

ଉପଖଣ୍ଡ ଉପଜିଲ୍ଲାପାଳଙ୍କ ଅନୁପସ୍ଥିତି ଯୋଗୁଁ ଡେପୁଟି କଲେକ୍ଟର ପ୍ରତୀକ୍ କୁମାର ପଣ୍ଡା ଓ ସହକାରୀ ଜିଲ୍ଲାପାଳ ସୁବ୍ରତ କୁମାର ଘୋଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରୀ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସାର୍ଥକ ରାୟ, ଉପଖଣ୍ଡ ଚିକିତ୍ସାଳୟ ପ୍ରତିନିଧି ଡା. ମହେଶ୍ୱର ଦାସଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ଶିବିରରେ ୮ ଟିଯାକ ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତଥିଲା। ସେଥିମଧ୍ୟରୁ ଗୋଟିଏ ସମସ୍ୟାର ତତ୍କାଳ ସମାଧାନ କରାଯାଇ କପ୍ତିପଦା ବ୍ଲକ ବଡ଼ବିଶୋଳ ଗ୍ରାମର ବଳରାମ ପରିଡ଼ାଙ୍କୁ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଆଜିର ଶୁଣାଣିରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗ ମଧ୍ୟରେ ଶାଳତୁଆ ସୁନେଇ ଜଳସେଚନ ଅଞ୍ଚଳର ବିସ୍ଥାପିତଙ୍କୁ ପ୍ରତିଶ୍ରୁତି ମୁତାବକ ଉଚିତ ସହାୟତା ପ୍ରଦାନ, ଗୋଚର ଜମିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ନିର୍ମାଣ ନିମନ୍ତେ ଅନୁମତି, ଜଙ୍ଗଲ ଜମି ପଟ୍ଟାରେ ନାମ ଯୋଗ କରିବା, ଉତ୍ତରାଧିକାରୀ ପ୍ରମାଣପତ୍ର ଓ ତଞ୍ଚକତା କରି ଟଙ୍କା ହଡ଼ପ ଆଦି ଅଭିଯୋଗ ଉପରେ ବିଚାର କରି ତୁରନ୍ତ ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କାର୍ଯ୍ୟାଳୟର କର୍ମଚାରୀ ଶାଙ୍ଖାଇ ହେମ୍ବ୍ରମ, ରମେଶ ପୃଷ୍ଟି, ସାଇ ସରୂପକର, ତାପସ ପ୍ରଧାନ, ଉଷାରାଣୀ ବିନ୍ଧାଣି ପ୍ରମୁଖ ସହଯୋଗ କରିଥିଲେ।

# ଦୀପୋତ୍ସବ, ଶୋଭାଯାତ୍ରାରେ ସବୁଠି ରାମମୟ





**କେନ୍ଦୁଝର,୨୨।୧(ସମିସ)**

ଅଯୋଧ୍ୟାର ରାମଲାଲାଙ୍କର ପ୍ରାଣ ପ୍ରତିଷ୍ଠାକୁ ନେଇ ସାରା କେନ୍ଦୁଝର ଜିଲ୍ଲା ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ଦୀପ ଉତ୍ସବରେ କେନ୍ଦୁଝର ଆଲୋକିତ ହୋଇଛି। ପ୍ରାଣ ପ୍ରତିଷ୍ଠାକୁ ଅନେକ ସ୍ଥାନରେ ଭବ୍ୟ କରିବା ନିମନ୍ତେ କଳସ ଯାତ୍ରା, ରଥଯାତ୍ରା, ପଦଯାତ୍ରା, ନାମ ସଂକୀର୍ତ୍ତନ, ଭଜନ କୀର୍ତ୍ତନ, ରାମାୟଣ ପାଠ, ହନୁମାନ ଚାଳିସା ପାଠ ସହିତ ଅନେକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜିଲ୍ଲାର ବିଭିନ୍ନ ଦେବାଳୟମାନଙ୍କରେ ମଧ୍ୟ ପୂଜାପାଠ ସହିତ ପ୍ରସାଦ ବଣ୍ଟନ ବ୍ୟବସ୍ଥା କରାଯାଇଛି। କେନ୍ଦୁଝର ଜିଲ୍ଲାର ଆରାଧ୍ୟ ପ୍ରଭୁ ବଳଦେବଜୀଉଙ୍କ ମନ୍ଦିର ସମ୍ମୁଖ ବଡ଼ଦାଣ୍ଡରେ ବ୍ୟାପକ ଦୀପ ଉତ୍ସବ ଆୟୋଜିତ ହୋଇଯାଇଛି। ଏଥିରେ ଏକ ଲକ୍ଷ ଦୀପ ପ୍ରଜ୍ୱଳନ କରାଯାଇଛି। ଯାହାକି ସୋମବାର ସକାଳୁ ପ୍ରସ୍ତୁତି କରାଯାଇଥିଲା। କେନ୍ଦୁଝର ଗାୟତ୍ରୀ ପରିବାରର ଦୀୟା ଗ୍ରୁପ, ଶହଶହ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ, ଯୁବକ ଯୁବତୀ, ପୁରୁଣା ସହରର ବିଭିନ୍ନ କ୍ଲବର ସ୍ୱେଚ୍ଛାସେବୀ, ସ୍ଥାନୀୟ ମହିଳା, ବିଭିନ୍ନ ଧାର୍ମିକ ଓ ଆଧ୍ୟାତ୍ମିକ ଅନୁଷ୍ଠାନର ସଦସ୍ୟ ସଦସ୍ୟା, ୱାଇଜେସି, ସିଆଇଆର ଏଫ୍ଆଇ, ଏଆର୍‌ଡିକେ ଏସଇ, ଏବିଭିପି, ଗୋପାଳଜୀଉ ପାଠାଗାର, ହିନ୍ଦୁ ଜାଗୃତି ମଞ୍ଚ, କେନ୍ଦୁଝର ଫାର୍ମାସୀ କଲେଜ, କେନ୍ଦୁଝର ଇଞ୍ଜିନିୟରିଂ କଲେଜ ସମେତ ଅନେକ ଆନୁଷ୍ଠାନ ଦୀପ ପ୍ରଜ୍ୱଳନରେ ସହାୟତା କରାଯାଇଛି। ସନ୍ଧ୍ୟା ୫ଟାରୁ ଦୀପ ଜଳା ଯାଇଥିବା ବେଳେ ସମ୍ପୂର୍ଣ୍ଣ ବଡ଼ଦାଣ୍ଡ ଆଲୋକିତ ହୋଇଉଠିଥିଲା। ବଡ଼ଦାଣ୍ଡ ସମ୍ମୁଖରେ ଗାୟତ୍ରୀ ପରିବାର ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। ଜିଲ୍ଲା ପାଇଁ ଏତେ ସଂଖ୍ୟକ ଦୀପ ପ୍ରଜ୍ୱଳନ ପ୍ରଥମ ହୋଇଥିବା ବେଳେ ବଡ଼ଦାଣ୍ଡ ଲକ୍ଷାଧିକ ଦୀପରେ ସୁସଜ୍ଜିତ ଦେଖାଯାଇଥିଲା। ସାରା ବଡ଼ଦାଣ୍ଡ ଜୟ ଶ୍ରୀରାମ ଧ୍ୱନୀରେ ଉଚ୍ଛୁଳି ପଡିଥିଲା। ବ୍ୟାପକ ଜନସମାଗମ ଏବଂ ଦୀପ ପ୍ରଜ୍ୱଳନ ସମୟରେ ଶାନ୍ତି ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ନିମନ୍ତେ ମାଜିଷ୍ଟ୍ରେଟ, ପୁଲିସ ବ୍ୟବସ୍ଥା କରାଯାଇଥିଲା। ଦିନବେଳୁ ବଡ଼ଦାଣ୍ଡରେ ଏହି ଆୟୋଜନ ପାଇଁ ଗାଡିମଟର ଚଳାଚଳକୁ ଶୃଙ୍ଖଳା ମଧ୍ୟରେ ରଖାଯାଇଥିଲା। ଦୀପତ୍ସବ କାର୍ଯ୍ୟକ୍ରମକୁ ଅନେକ ସ୍ୱେଚ୍ଛାସେବୀ ପରିଚାଳନା କରିଥିଲେ।

**ଆନନ୍ଦପୁର:** ଆଜି ସମଗ୍ର ଆନନ୍ଦପୁର ଅଞ୍ଚଳ ଜୟଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଛି। ଶ୍ରୀରାମଚନ୍ଦ୍ରଙ୍କ ପ୍ରକଟ ଲୀଳା, ବୀଜମନ୍ତ୍ର ପାଠ, ଜୀବନ୍ୟାସ କରାଯିବା ପରେ ନାରାୟଣ ସେବା କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ବଜରଙ୍ଗ ଦଳର ସମସ୍ତ କାର୍ଯ୍ୟକର୍ତ୍ତା ଓ ସେବକମାନେ ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମରେ ମହେଶ୍ୱର ସାହୁ, ରାମଚନ୍ଦ୍ର ସାହୁ, ପ୍ରଶାନ୍ତ କୁମାର ମହାପାତ୍ର, ରଞ୍ଜନ ତ୍ରିପାଠୀ, ରବିନ୍ଦ୍ର ଚାନ୍ଦ, ହରେକୃଷ୍ଣ ପତି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସେହିପରି ଖପରାଖାଇ ସାଉନ୍ତିସାହି ପକ୍ଷରୁ ଶ୍ରୀରାମ ଶୋଭାଯାତ୍ରର ଆୟୋଜନ କରାଯାଇଥିଲା। ୪ ଜଣ ଯୁବକ ଓ ଯୁବତୀଙ୍କୁ ଶ୍ରୀରାମ, ଶ୍ରୀଲକ୍ଷ୍ମଣ, ମାତା ସୀତା ଓ ଶ୍ରୀ ହନୁମାନଙ୍କ ବେଶରେ ସଜିତ କରି ଏହି ପଦଯାତ୍ରାରେ ବିଭିନ୍ନ ସାହି ବସ୍ତି ପରିକ୍ରମା କରି ଜୟଶ୍ରୀରାମ ଧ୍ୱନି ନାରା ଦେଇଥିଲେ। ସନ୍ଧ୍ୟାରେ ଶ୍ରୀଶ୍ରୀ ଝାଡେଶ୍ୱର ମହେଶଙ୍କ ପୀଠରେ ଶହ ଶହ ପୁରୁଷ ମହିଳା ଓ ଯୁବକମାନେ ଦୀପ ଜାଳି ପ୍ରଭୁ ଶ୍ରୀରାମଙ୍କ ଆଗମନକୁ ଦିବ୍ୟ ସ୍ୱାଗତ କରିବା ସହିତ ହନୁମାନ ଚାଳିଶା ପାଠ କରିଥିଲେ। କାର୍ଯ୍ୟକ୍ରମରେ ଆଶିଷ ବେହେରା, ସରୋଜ ସାହୁ, ସୌମ୍ୟରଞ୍ଜନ ସାହୁ, ମନୋଜ ଜେନା, ଗାନ୍ଧୀ ମୁଖୀ, ଭବଭୂତି ସାହୁ, ମନ୍ଟୁ ସାହୁ, ମାନସ ସାହୁ, ମନ୍ମଥ ସାହୁ, ଜୟନ୍ତ ସାହୁ, ତାପସ ପଢିଆରୀ, ସଦାଶିବ ସାହୁ, ରଞ୍ଜିତ ସାହୁ, ରଜତ ଖଟୁଆ, ସୁରେଶ ମୁଖୀ, ରଜତ ମୁଖୀ ପ୍ରମୁଖ ପରିଚାଳନା କରିଥିଲେ।

**ବେଲବାହାଲି:** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବେଲବାହାଲି ଗ୍ରାମରେ ବେଲବାହାଲି ଯୁବକ ସଂଘ ପକ୍ଷରୁ ହନୁମାନଙ୍କ ମନ୍ଦିରକୁ ସୁସଜ୍ଜିତ କରିବା ସହ ପୂଜାପାଠ ଏବଂ ଏକ ଯଜ୍ଞର ଆୟୋଜନ କରାଯାଇଥିଲା। ପ୍ରଥମେ ହନୁମାନଙ୍କ ମନ୍ଦିର ନିକଟରୁ ରାମଭକ୍ତ ମାନେ ଏକ ଶୋଭାଯାତ୍ରାରେ ବାହାରି ବେଲବାହାଲି, ଟୋଲଙ୍କପଡା, ପୂରୁଣିଆ ଗ୍ରାମ ପରିକ୍ରମା କରିଥିବା ବେଳେ ଭଜନ କୀର୍ତ୍ତନ ସାଙ୍ଗକୁ ରାମଙ୍କ ଧ୍ୱନିରେ ପ୍ରକମ୍ପିତ ହୋଉଥିଲା। ଏହା ସହିତ ହଜାର ହଜାର ଲୋକଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରଭାକର ସାହୁ, ଅନାଦି ସାହୁ, ଅନିଲି ସାହୁ, ଝାଡେଶ୍ୱର ସାହୁ, ଅବିନାଶ ସାହୁ, ପ୍ଲାଜମାନ୍ ସାହୁ, ସଞ୍ଜୀୟ କୁମାର ବାରିକ, ବୈଲୋଚନ ମହାରଣା, ସନାତନ ସାହୁ, ସନ୍ଦୀପ ସାହୁ, ଲୁଲୁ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

**ଚମ୍ପୁଆ:** ରାମମୟ ହୋଇଛି ସମଗ୍ର ଦେଶ ତଥା ଚାଲିଛି। ଆଜି ବଡ଼ବିଲ ମେନ୍‌ରୋଡ଼ ଦେଇ ଏକ ବିଶାଳ ଶୋଭାଯାତ୍ରା ବାହାରି ବାଟା ଛକ, ଗୁରୁଦ୍ୱାରା ଛକ, ମହାନ୍ତ ବସ୍ତି, ଭୋଲା ଗ୍ୟାରେଜ ଦେଇ ସହର ପରିକ୍ରମା କରି ଶଙ୍ଖ ହୁଳହୁଳି ଓ ଜୟ ଶ୍ରୀରାମ ଧୋନୀ ରେ ପ୍ରକମ୍ପିତ ହୋଇଥିଲା। ସେହିପରି ଆଜି ଘରେ ଘରେ ଦୀପ ଜାଳି ଏହି ଐତିହାସିକ ମୁହୂର୍ତ୍ତକୁ ଚିର ସ୍ମରଣୀୟ କରାଯାଇଛି।

**ହାଟଡ଼ିହି:** ହାଟଡ଼ିହି ବ୍ଲକ ବଜରଙ୍ଗ ଦଳ




ତରଫରୁ ଆଲୋକ ସେଠୀଙ୍କ ନେତୃତ୍ୱରେ ଶ୍ରୀରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବରେ ୧୦୮ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଶୋଭାଯାତ୍ରା ହାତହିହି ଅଞ୍ଚଳ ତେଲୁକାହାଟଠାରେ ଥିବା ବଜରଙ୍ଗବଲୀ ମନ୍ଦିରରୁ କଳସ ପୂଜାର୍ଚ୍ଚନା କରି ବାହାରି ଛେନାପଦୀସ୍ଥିତ ବିଶ୍ୱତାରିଣୀଙ୍କ ମନ୍ଦିରରେ ପହଞ୍ଚି ସେଠାରେ କଳସ ପ୍ରତିଷ୍ଠା କରିଥିଲେ। ହଜାର ହଜାର ରାମଭକ୍ତଙ୍କ ସମାଗମରେ ସାରା ଅଞ୍ଚଳ ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା। କାର୍ଯ୍ୟକ୍ରମଟିକୁ ଜ୍ଞାନରଞ୍ଜନ ସାମନ୍ତସିଂହାର,

ହୋଇପଡିଛି। ସୋସୋ ରାମମନ୍ଦିରରେ ଆଜି ସକାଳୁ ସାଳନ୍ଦୀ ନଦୀରୁ କଳସ ଅଣାଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। ସନ୍ଧ୍ୟାରେ ଦୀପ ଜାଳିବା ସହିତ ମନ୍ଦିର ଆଗରେ ମୁରୁଜ ପକାଯାଇଥିଲା। ସମାଜସେବୀ ପ୍ରସାଦ ସେଣଙ୍କ ନେତୃତ୍ୱରେ ବାଇକ୍ ଶୋଭାଯାତ୍ରା ପଞ୍ଚାୟତ ପରିକ୍ରମା କରିଥିଲା। ମରୈଗାଁ ତାରିଣୀ ମନ୍ଦିରରେ ସମାଜ ସେବୀ ଶରତ କୁମାର ସେଠୀଙ୍କ ନେତୃତ୍ୱରେ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ଏକ ବାଇକ୍ ଶୋଭାଯାତ୍ରା କରାଯାଇଥିଲା। ସେହିପରି ସଢା, ପନ୍ଦାଡୋ ଆଦି ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ସହିତ ଗାଁରେ ଲୋକମାନଙ୍କ ଘର ଆଗରେ କଳସ ବସାଇ ମୁରୁଜ ପକାଇ ରାମଙ୍କ ଫଟୋଚିତ୍ର ଓ ବିଭିନ୍ନ ଚିତ୍ର ଅଙ୍କନ କରାଯାଇଥିଲା।

**ତୁରୁମୁଙ୍ଗା:** ତୁରୁମୁଙ୍ଗା ଗିରିଜାଶଙ୍କର ଶିବ ମନ୍ଦିରରେ ହୋମଯଜ୍ଞ କରାଯିବା ସହ ଅଯୋଧ୍ୟା ମନ୍ଦିର ନିର୍ମାଣ ଓ ପ୍ରାଣ ପ୍ରତିଷ୍ଠାର ସିଧା ପ୍ରସାରଣ ଏଲ୍‌ଇଡି ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦର ପୂର୍ବ ପ୍ରାନ୍ତ ସଦସ୍ୟ ଅଖିଳ

ଚାରିଟେବୁଲ ଟ୍ରଷ୍ଟ ଆୟୋଜନରେ ଖୁଣ୍ଟାପଡା ପଞ୍ଚାୟତ ମହାଦେବପୁର ଗ୍ରାମର କୁମ୍ଭକାରମାନଙ୍କ ଦ୍ୱାରା ଦେଢ ଫୁଟ ଉଚ୍ଚ, ତିନି ଫୁଟ ଓସାରରେ ଏକ ମାଟି ଦୀପ ନିର୍ମିତ କରାଯାଇଥିଲା। ସେହି ମହାଦୀପରେ ଏକାଥରକେ ୩୦ଲିଟର ତେଲ ଢାଳି ଦୀପ ପ୍ରଜ୍ୱଳନ କରାଯିବା ନେଇ ବ୍ୟବସ୍ଥା କରାଯାଇଥିଲା। ସୋମବାର ସକାଳୁ ଭକ୍ତମାନେ ପ୍ରଥମେ ମହାଦେବପୁର କୁମ୍ଭକାରଙ୍କ ଘର ସମ୍ମୁଖରେ ରେ ଏକତ୍ରିତ ହୋଇଥିଲେ। ସେଠାରେ ବିଧିମୁତାବକ ପୂଜାପାଠ କରି ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ମହାଦୀପକୁ ମହାଦେବପୁର ଗ୍ରାମ ପରିକ୍ରମା କରିବା ପରେ ବାରଖଣ୍ଡିଆ, ଖୁଣ୍ଟାପଡା, ଅନ୍ଧାରୀଖମଣ, ଦୁର୍ଗାପୁର, ଅର୍ଶଳା ଦେଇ ଦୀର୍ଘ ୯ କିମି ରାସ୍ତା ଅତିକ୍ରମ କରି ଝୁମ୍ପୁରା ଦୋଳପଡିଆକୁ ଅଣାଯାଇଥିଲା। ଏହା ପରେ ମହାଦୀପକୁ ଝୁମ୍ପୁରା ବଜାର, ଦୁର୍ଗାପଡିଆ, ତେଲିସାହି, ଜଗନ୍ନାଥ ମନ୍ଦିର, ବ୍ଲକ ଛକ, ଓଁକାରେଶ୍ୱରାୟ ମନ୍ଦିର, ପାତ୍ରସାହି ପରିକ୍ରମା ପରେ ଶ୍ରୀଶ୍ରୀ ପଞ୍ଚାନନ ଶିବ ମନ୍ଦିର ପ୍ରାଙ୍ଗଣରେ ଦୀପକୁ ରଖା ଯାଇଥିଲା। ଶୋଭାଯାତ୍ରାରେ ଯାଉଥିବା ଭକ୍ତମାନଙ୍କ ନିମନ୍ତେ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ଦ୍ୱାରା ରାସ୍ତା ପାଶ୍ୱର୍ରେ ଜଳପାନ, ମିଠା, ଲଡୁ ଓ ଜେଲାପୀ ବଣ୍ଟନର ସୁବ୍ୟବସ୍ଥା କରାଯାଇଥିଲା।

**ଘଟଗାଁ:** ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅବସରରେ ମା' ତାରିଣୀଙ୍କ ପୀଠ ରାମମୟ ହୋଇଛି। ସାରା ନଗରରେ ତରଙ୍ଗାୟିତ ହେଉଛି ଭଲିକି ଭଲି ଧ୍ୱଜ। ମନ୍ଦିର ବାଇପାସ୍ ନିକଟରୁ ଶହ ଶହ ଶ୍ରଦ୍ଧାଳୁ ନଗର କୀର୍ତ୍ତନ କରି ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରା ତାରିଣୀଙ୍କ ପୀଠ ଦେଇ ମେଡିକାଲ ରାସ୍ତା ଅତିକ୍ରମ କରି ଶନି ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ସେଠାରୁ ଜଗନ୍ନାଥ ମନ୍ଦିର, ହନୁମାନ ମନ୍ଦିର ଘଟଗାଁ ବଜାର ବସ୍‌ଷ୍ଟାଣ୍ଡ, ଉପରଡିହା ଗ୍ରାମ ମଙ୍ଗଳା ମନ୍ଦିର ପରିକ୍ରମା କରି ହାଟ ପଡିଆ, ତହସିଲ ଛକ ଅତିକ୍ରମ କରି ହନୁମାନ ମନ୍ଦିରରେ ଶୋଭାଯାତ୍ରା ଶେଷ ହୋଇଥିଲା। ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଆୟୋଜିତ ଶୋଭାଯାତ୍ରାରେ ଘଟଗାଁର ବଜରଙ୍ଗଦଳ, ସତ୍ୟସାଇ ସେବା ସଂଗଠନ, ଗାୟତ୍ରୀ ପରିବାର, ଶିକ୍ଷା ବିକାଶ ସମିତି ସହ ସ୍ଥାନୀୟ ଅଂଚଳର ବିଭିନ୍ନ କୀର୍ତ୍ତନ ମଣ୍ଡଳୀ ସାମିଲ ହୋଇଥିଲେ। ଘଟଗାଁ ଆଖପାଖର ୯ଟି ମନ୍ଦିରରେ ହୋମଯଜ୍ଞ ଓ ସ୍ୱତନ୍ତ୍ର ପୂଜା ଆୟୋଜିତ ହୋଇଥିଲା। ମା' ତାରିଣୀ ମନ୍ଦିର, ହନୁମାନ ମନ୍ଦିର, ଘଟକେଶ୍ୱର୍ ମନ୍ଦିର, ଦ୍ୱାରଶୁଣି

ସରପଞ୍ଚ ରିମାଲତା ନାୟକ, ସଭ୍ୟା ପାର୍ବତୀ ବାର୍ଲା, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସନ୍ତୋଷ ରାଉତ, ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ଯଜ୍ଞ ପ୍ରସାଦ ସାହୁ, ଶମ୍ଭୁନାଥ ରାଉତ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସନ୍ଧ୍ୟାରେ ମା' ତାରିଣୀଙ୍କ ପୀଠ ଓ ହନୁମାନ ମନ୍ଦିର ସମେତ ବିଭିନ୍ନ ମନ୍ଦିରରେ ୧୦୦୮ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା।

**ପାଟଣା:** ପାଟଣା ଅଞ୍ଚଳ ରେ ବିଭିନ୍ନ ମନ୍ଦିର ଗୁଡିକରେ ପୂଜାର୍ଚ୍ଚନା କରାଯିବା ସହ ଯଜ୍ଞ, ଶୋଭାଯାତ୍ରା, ଦୀପଦାନ, ଭଜନ କୀର୍ତ୍ତନ, ପ୍ରସାଦ ସେବନ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ସାରା ପାଟଣା ଅଞ୍ଚଳରେ ରାମମୟ ପରିବେଶ ସୃଷ୍ଟି ହେବା ସହ ଜୟ ଶ୍ରୀରାମ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଛି। ଏହି ଅବସରରେ ପାଟଣା ଥାନା ଅନ୍ତର୍ଗତ କପୁଣ୍ଡି ହନୁମାନ ମନ୍ଦିର ପରିସରରେ ୧୦୮ ଦୀପ ପ୍ରଜ୍ୱଳନ କରାଯାଇ ପୂଜାର୍ଚ୍ଚନା କରାଯାଇଛି। ବହୁ ସଂଖ୍ୟାରେ ଭକ୍ତମାନେ ଉପସ୍ଥିତ ରହି ପୂଜାର୍ଚ୍ଚନା କରିବା ସହ ପ୍ରସାଦ ସେବନ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନା କରିବାରେ ପ୍ରକାଶ ତରେଇ, ଦୋଳଗୋବିନ୍ଦ ବେଜ, ରୁଦ୍ର ନାରାୟଣ ପୃଷ୍ଟି, ଚିତ୍ତରଞ୍ଜନ ଦାସ, ବ୍ୟାସଦେବ ପୃଷ୍ଟିଙ୍କ ସମେତ ଗ୍ରାମବାସୀ ମାନେ ସହୋଯୋଗ କରିଥିଲେ।

**ଘସିପୁରା:** ଘସିପୁରା ବ୍ଲକ କଇଁସିଆରୀ ବୈଷ୍ଣବ ଗୌଡିୟ ମଠ ପକ୍ଷରୁ ଏକ ଆଧ୍ୟାତ୍ମିକ ଶୋଭାଯାତ୍ରା ବାହାରିଛି। ମଠ ମହନ୍ତ ବାବା ପ୍ରେମାନନ୍ଦ ଦାସ ମହାରାଜଙ୍କ ପୌରହିତ୍ୟରେ ଭଦ୍ରକ ପଞ୍ଚସଖା ମଠମହନ୍ତ ବସନ୍ତ ଦାସ ମହାରାଜ ଏବଂ ଯାଜପୁର ବଜ୍ରଗିରୀ ମଠମହନ୍ତ ପିଣ୍ଟୁ ଦାସ ମହାରାଜଙ୍କ ଉପସ୍ଥିତିରେ ଯେନାପଦା ମା'ତାରାଣୀ ପୀଠରୁ ପୂଜାର୍ଚ୍ଚନା କରାଯାଇ ଶହଶହ ମହିଳା ପୁରୁଷ ଏବଂ ଯୁବକଙ୍କ ଗହଣରେ ରାମନାମ ଜୟଗାନ କରି ଖଡିକାଶୁଳବାହାଲି, ଦାନ୍ତିଆ, ଭାଲୁକା, ସୁଆଁଳୋ, ଭଣ୍ଡାରିପଡା, କଇଁସିଆରୀ ପ୍ରଭୃତି ଗ୍ରାମ ପରିକ୍ରମା ପରେ ଅଇଁସିଆରୀ ଗୌଡୀୟ ଭାଗବତ ମଠରେ ଆଧ୍ୟାତ୍ମିକ ଯାତ୍ରା ସମାପନ ହୋଇଥିଲା। ଶହଶହ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ରାମଚରିତ ମାନସ ପଠନ ସହିତ ଭଜନ କୀର୍ତ୍ତନ, ହରିନାମ ଧ୍ୱନିରେ ମଠ ପରିବେଶ ଭକ୍ତିମୟ ହୋଇଉଠିଥିଲା। ଏହି କାର୍ଯ୍ୟକ୍ରମରେ ଭାଲୁକା ଏବଂ କଇଁସିଆରୀ ଗ୍ରାମର ଶତାଧିକ ଯୁବଗୋଷ୍ଠୀ ସାମିଲ ହୋଇଥିଲେ। ଶ୍ରଦ୍ଧାଳୁ ପ୍ରମୋଦ କୁମାର ସ୍ୱାଇଁ, ବ୍ରଜକିଶୋର ରାଉତ, ଶଶିଭୂଷଣ ରାଉତ, ନୃସିଂହ ମଲ୍ଲିକ, ଭ୍ରମରବର






ପ୍ରତ୍ୟୁଷରୁ ଘରେ ଘରେ ଶୁଭ କଳସ ସ୍ଥାପନ, ପୂଜାପାଠ କରାଯିବା ସହିତ ପ୍ରତି ଘର ସମ୍ମୁଖରେ ଶ୍ରୀରାମ ଧ୍ୱଜା ଲାଗିଥିବାରୁ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ବିଭିନ୍ନ ସଂଗଠନ ପକ୍ଷରୁ ଆଜି ବିଭିନ୍ନ ସ୍ଥାନରେ ପଦଯାତ୍ରା, ବାଇକ୍ ଶୋଭାଯାତ୍ରା, କଳସ ଯାତ୍ରା କରାଯାଇଥିବା ବେଳେ ବିଭିନ୍ନ ଦେବଦେବୀ ପୀଠରେ ଲଙ୍କାକାଣ୍ଡ, ସୁନ୍ଦରାକାଣ୍ଡ, ଶ୍ରୀହନୁମାନ ଚାଳିଶା, ଶ୍ରୀବଜରଙ୍ଗୀ ବିଜମନ୍ତ୍ର ପାଠରେ ସମଗ୍ର ଆନନ୍ଦପୁର ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଆନନ୍ଦପୁର ବଡ଼ଦାଣ୍ଡଠାରେ ଶ୍ରୀରାମ ପ୍ରେମୀଙ୍କ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ ଉପଲକ୍ଷେ ବୈତରଣୀ ନଦୀର ଜଳକୁ ଏକ କଳସ ଶୋଭାଯାତ୍ରାରେ ଅଣାଯାଇ ଘଟସ୍ଥାପନ କରାଯିବା ପରେ ଶୁଭ ଅଧିବାସ ଆରମ୍ଭ ହୋଇଥିଲା। ରାମାୟଣୀ ଅର୍ଜୁନୀ ଚରଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ

ରାଜ୍ୟଫ ଏଥିରୁ ବାଦ୍ ପଡିନାହିଁ ଚମ୍ପୁଆ ନଗର। ଏଥି ପାଇଁ ଚମ୍ପୁଆ ବଜାରରେ ଥିବା ରାମ ମନ୍ଦିରକୁ ଆକର୍ଷଣୀୟ ଭାବେ ଫୁଲରେ ସଜା ଯାଇଛି। ପ୍ରାତଃ କାଳରୁ ୧୦୮ ହନୁମାନ ଚାଳିଶା ପାଠ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇ କଳସ ଶୋଭାଯାତ୍ରା ଶେଷ ହୋଇଥିବା ବେଳେ ହୋମଯଜ୍ଞ, ପୂଜା ପାଠ, ନଗର ପରିକ୍ରମା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇ ଯାଇଅଛି। ଚମ୍ପୁଆ ବଜାରକୁ ଆଲୋକ ମାଳା ଓ ପତକା ଦ୍ୱାରା ସୁସଜ୍ଜିତ କରାଯାଇଛି। ଶ୍ରୀରାମ ମନ୍ଦିର କମିଟିର ସଦସ୍ୟ ମାନେ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପୂର୍ଣ୍ଣ ସହଯୋଗ ରହିଥିଲେ।

**ବଡ଼ବିଲ:** କେନ୍ଦୁଝର ଜିଲ୍ଲା ବଡ଼ବିଲ ପୌରାଞ୍ଚଳ ତଥା ଏହାର ଆଖପାଖ ଭଦ୍ରାସାହି, ରୋଇଡ଼ା, ଠାକୁରାଣୀ, ଗୁଆଲି ଆଦି ଅଞ୍ଚଳରେ ଶୋଭାଯାତ୍ରା ସହ ମନ୍ଦିର ଗୁଡିକୁ ଫୁଲରେ ସଜାଇ ଭଜନ କୀର୍ତ୍ତନ

ହରମୋହନ ଶାସିନୀ, ସୁଶାନ୍ତ କୁମାର ଜେନା ପରିଚାଳନା କରିଥିବା ବେଳେ ବଜରଙ୍ଗ ଦଳର ପ୍ରମୁଖ ଜଗନ୍ନାଥ ପୃଷ୍ଟି, ଆଲୋକ ସେଠୀ, ବିଶ୍ୱନାଥ ସାହୁ, ଚନ୍ଦ୍ରଧ୍ୱଜ ସାହୁ, ଅଶୋକ ଜେନା, ନିତ୍ୟାନନ୍ଦ ପୃଷ୍ଟି ପ୍ରମୁଖ ପରିଚାଳନା କରିଥିଲେ। କଳସ ଯାତ୍ରାରେ କଳସିଆଙ୍କ ମଧ୍ୟରୁ ରାଧାରାଣୀ ଖୁଣ୍ଟିଆ, ମମତା ପଣ୍ଡା, ସୁଶାନ୍ତି ବେହେରା, ତିଲୋତ୍ତମା ସାହୁ, ସୁଜାତା ନାୟକ, ଜୋସ୍ନାରାଣୀ ସାହୁ, ଉର୍ମିଳା ଦାସ, ସଂଯୁକ୍ତା ପୁହାଣ, ବୀଣାପାଣି ମହାନ୍ତି, ଗୌରୀଦତ୍ତା ସାହୁ, ଗୁରୁବାରୀ ସୁଆର, ସୁନି ମଣ୍ଡଳ, ପବିତ୍ରା ସେଠୀ, ରୁବିନା ସେଠୀ, ସ୍ୱର୍ଣ୍ଣପ୍ରଭା ବାରିକ୍, ମମି ପାତ୍ର, ନନ୍ଦିନୀ ପାତ୍ରଙ୍କ ସମେତ ଶତାଧିକ କଳସଧାରୀ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

ସୋସୋ: ହାଟଡିହି ବ୍ଲକର ବିଭିନ୍ନ ଗାଁ ଓ ମନ୍ଦିରଗୁଡିକ ସଜେଇ ହେବା ସହିତ ଉତ୍ସବ ମୁଖର

ଚନ୍ଦ୍ର ନାଏକଙ୍କ ସମେତ ବିଶ୍ୱ ହିନ୍ଦୁ ପରିଷଦର ଜିଲ୍ଲା ଉପସଭାପତି ଠାକୁର ଦାଶ ମହାନ୍ତ, ଘନଶ୍ୟାମ ମହାନ୍ତ, ନାଗେଶ୍ୱର ମହାରଣା, ହୃଷୀକେଶ ସାହୁ, ମୁଚିରାମ ସାହୁ, କୈବଲ୍ୟ ସାହୁ, ସୁଦେଶ ସାହୁ, ନନ୍ଦସାହୁ, ବାବି ସାହୁ, ବାୟାଧର ସାହୁ, ଲିଙ୍ଗରାଜ୍ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମୁରୁସୁଆଁ ଠାରେ ଥିବା ହନୁମାନ ପୀଠରେ ଗ୍ରାମବାସୀ ପକ୍ଷରୁ ସମୂହ ଦୀପ ପ୍ରଜ୍ୱଳନ କରିବା ସହ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଳନ କରିଥିଲେ। ଏଥିସହ କେନ୍ଦେଇପଶି, ବୁଢୀକାପୁଡି, ଚେମେଣା, ବାଉଁଶୁଳି, କଣ୍ଟିଆପଡା, ଖିରେଇଟାଙ୍ଗିରୀ ଅଞ୍ଚଳବାସୀ ପକ୍ଷରୁ ମନ୍ଦିରରେ ଭବ୍ୟ ଆୟୋଜନ କରାଯାଇ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ପାଳନ କରିଛନ୍ତି।

**ବାଲିବନ୍ଧ:** ଝୁମ୍ପୁରା ବଜାର, ସାହି, ବସ୍ତି ଜୟ ଶ୍ରୀରାମ ଧ୍ୱନିରେ କମ୍ପିଉଠିଛି। ଝୁମ୍ପୁରା ଶ୍ରୀଜଗନ୍ନାଥ

ମନ୍ଦିର, ଶନି ମନ୍ଦିର, ପଞ୍ଚମୁଖୀ ହନୁମାନ ମନ୍ଦିର, ଜଗନ୍ନାଥ ମନ୍ଦିର, ମା' ମଙ୍ଗଳା ମନ୍ଦିର, ତହସିଲ ନିକଟ ହନୁମାନ ମନ୍ଦିର ଓ ବାଣେଶ୍ୱର ଶିବ ମନ୍ଦିରରେ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ଆବାହକ ରାଜେନ୍ଦ୍ର ପଟ୍ଟନାୟକ ପରିଚାଳନା କରିଥିଲେ। ବଜରଙ୍ଗଦଳର ମୁଖ୍ୟ ପ୍ରଦୀପ ରାଉତ, ସତ୍ୟ ସାଇ ସେବା ସଂଗଠନର ଅମରେଶ୍ୱର୍ ବେହେରା, ଗାୟତ୍ରୀ ପରିବାର ପକ୍ଷରୁ ରାଜକିଶୋର ମୁଦି, ଶରତ କୁମାର ସେଠୀ, ଶିକ୍ଷା ବିକାଶ ସମିତି ପକ୍ଷରୁ ଶିକ୍ଷକ ଦୀନବନ୍ଧୁ ପ୍ରଧାନ, ଧ୍ରୁବ ଚରଣ ନାୟକ, ଡମ୍ବରୁଧର ବେହେରା, ବିଜେପି ପକ୍ଷରୁ ଗୋଲକ ବଳ, ମଣ୍ଡଳ ସଭାପତି ରବୀନ୍ଦ୍ର ଦେହୁରୀ, ଶରତ ବେଜ, ସତ୍ୟମ୍ ଦେହୁରୀ, ମକରଧ୍ୱଜ ବେହେରା, ଜଗବନ୍ଧୁ ସା, ଉତ୍ତମ ପ୍ରଧାନ, ଅଜୟ ମହାପାତ୍ର, ହୃଷୀକେଶ ଖଣ୍ଡା, ଯୁଧିଷ୍ଠିର ଦାସ, କାଉକେଶ୍ୱର୍ ସାହୁ,

ରାଉତ, ଭୀମସେନ ବିଶ୍ୱାଳ, ପ୍ରେମାନନ୍ଦ ନାଥ, ଅନାଦୀ ନାଥ, ବାବୁ ଜେନା, ରାଜକିଶୋର ମହାନ୍ତି, ନିରାକାର ରାଉତ, ଲକ୍ଷ୍ମଣ ରାଉତ, କାଠିଆ ମହାନ୍ତି, ଅନ୍ତର୍ଯ୍ୟାମୀ ଭଞ୍ଜ, ଉଲ୍ଲାସ ନାଥପ୍ରମୁଖ ସାମିଲ ହୋଇଥିଲେ।

**ଆନନ୍ଦପୁର:** ଆନନ୍ଦପୁର ପୌରାଞ୍ଚଳର ଫକୀରପୁରରେ ଥିବା ହନୁମାନ ମନ୍ଦିରରେ ବରିଷ୍ଠ ବିଜେପି ନେତା ସନ୍ତୋଷ ଜେନାଙ୍କ ନେତୃତ୍ୱରେ କୀର୍ତ୍ତନ ଓ ଶ୍ରୀ ରାମଶୋଭା ଯାତ୍ରା ବାହାରି ଫକୀରପୁରର ଗ୍ରାମ ପରିକ୍ରମା କରିଛି। ଜିଲ୍ଲା ପରିଷଦ ସଦସ୍ୟା ଅସୀମା ମିଶ୍ର, ସୁମତି ଜେନା, ତୃପ୍ତିମୟୀ ଜେନାଙ୍କ ସମେତ ବିଜେପିର ବହୁ କାର୍ଯ୍ୟକର୍ତା ସାମିଲ ହୋଇଥିଲେ। ଏକ ବାଇକରାଲି ବାହାରି ଆନନ୍ଦପୁର ଜେଲସ୍ଥିତ ହନୁମାନ ମନ୍ଦିର ଦେଇ ସହର ପରିକ୍ରମା କରି ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ କରି ସହର ପରିକ୍ରମା କରିଥିଲେ।





## ମହାଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା



**ରାଇବଣିଆ, ୨୨।୧(ସମିସ):** ଜଳେଶ୍ୱର ବ୍ଲକ ଚମାରଗାଁ ପଞ୍ଚାୟତ ଚାପଲା ଗାଁରେ ଶ୍ରୀ ଶ୍ରୀ କାଶେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଅନୁଷ୍ଠିତ ହେଇଯାଇଛି। ଦୀର୍ଘ ବର୍ଷର ପୁରୁଣା ମନ୍ଦିରକୁ ଭାଙ୍ଗି ସେହି ସ୍ଥାନରେ ବିଧାୟକ ତଥା ପର୍ଯ୍ୟଟନମନ୍ତ୍ରୀଙ୍କ ହାତ ପାଣ୍ଠିରୁ ୩ ଲକ୍ଷ, ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାରେ ୪ଲକ୍ଷ ସହିତ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ନୂତନ ମହାଦେବ ମନ୍ଦିର ନିର୍ମାଣ ହେଇଅଛି। ଶ୍ରୀ ଶ୍ରୀ କାଶେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ୨୦୮ କଳସ ଶୋଭାଯାତ୍ରା ସକାଳେ ସୁବର୍ଣ୍ଣରେଖା ନଦୀର ଗୁରୁଦାସପୁର ଘାଟରୁ ପାଣି ଆଣି ଏକ ବିରାଟ ପଟୁଆରେ ମନ୍ଦିର ନିକଟରେ ପହଞ୍ଚିଥିଲେ। ଦୁଇଦିନ ଧରି ଯଜ୍ଞ ସହିତ ଅଷ୍ଟମ ପ୍ରହର ନାମ ସଂକୀର୍ତନ ହେବ ବୋଲି ଗ୍ରାମମୁଖ୍ୟ ନନି ଗୋପାଳ ବାଗ କହିଛନ୍ତି। ଏହି ଯଜ୍ଞରେ ନିଲୁ ଧର, ଦୁର୍ଗାଶଙ୍କର ଧର, ଚନ୍ଦନ ଧର, ଗୌରୀଶଙ୍କର ଧର ପୂଜକ ଭାବେ ଯୋଗଦେଇ ପୂଜାପାଠ କରୁଛନ୍ତି।ଆସନ୍ତାକାଲି ୫୦୦୦ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ଥିବା ସମ୍ପାଦକ ଦୁର୍ଗାଶଙ୍କର ସେନାପତି କହିଛନ୍ତି। ମନ୍ଦିର ପ୍ରତିଷ୍ଠା ଦାୟିତ୍ୱରେ ପ୍ରବୀର ଚନ୍ଦ ରହିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ମୃତ୍ୟୁଞ୍ଜୟ ଭୂୟାଁ, ରବୀନ୍ଦ୍ର ପାତ୍ର, ବିଜୟ ପ୍ରମାଣିକ, କମଳେନ୍ଦୁ ଭୂୟାଁ, ଲକ୍ଷ୍ମୀଧର ରାଉତ ସହଯୋଗ କରିଛନ୍ତି। ମନୋରଞ୍ଜନ ଦେ ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରୁଛନ୍ତି।

## ଚେକ୍ ବାଉନ୍ସ ମାମଲା: ଅଭିଯୁକ୍ତକୁ ବର୍ଷେ ଜେଲ୍

**ରାଜବରହମପୁର, ୨୨।୧ (ସମିସ):** ବାଲେଶ୍ୱର ଜିଲ୍ଲା ଗୋପାଳପୁର ଅଞ୍ଚଳର ଜିତେନ୍ଦ୍ର କୁମାର ଖଟୁଆ ବାଉଁଶବଣିଆ ଗ୍ରାମର ରତିରଞ୍ଜନ ମହାରଣାଙ୍କଠାରୁ ୭୦ ହଜାର ଟଙ୍କା ଧାରନେଇ ବ୍ୟାଙ୍କ ଚେକ୍ ଦେଇଥିଲେ। ପରେ ଆଉ ଟଙ୍କା ଦେବାର ନାଁ ଧରିନଥିଲେ। ଚେକ୍ ଷ୍ଟେଟ ବ୍ୟାଙ୍କରେ ବାଉନ୍ସ ହେବାରୁ ଏନେଇ ଏସଡିଜେଏମ କୋର୍ଟରେ ୭୧/୨୦୨୦ ନମ୍ବର ମାମଲା ଦାୟର ହୋଇଥିଲା। ଆଜି ଉକ୍ତ ମାମଲାର ରାୟ ପ୍ରକାଶ ପାଇଥିବା ବେଳେ ଏସଡିଜେଏମ ଇପସୀ ମହାନ୍ତି ଅଭିଯୁକ୍ତକୁ ବର୍ଷେ ଜେଲଦଣ୍ଡ ଓ ୯୦ ହଜାର ଟଙ୍କା ଜୋରିମାନା ଧାର୍ଯ୍ୟ କରିବା ସହ ଜୋରିମାନା ଅନାଦେୟ ଅଧିକ ୩ ମାସ ଜେଲଦଣ୍ଡ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତକୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ରତିରଞ୍ଜନ ମହାରଣାଙ୍କ ତରଫରୁ ଆଇନଜୀବୀ ସତ୍ୟଜିତ ମିଶ୍ର ଓ ତନୟ ପାତ୍ର ମୋକଦ୍ଦମା ପରିଚାଳନା କରୁଥିଲେ।

## ନିଆଁ ଲାଗି ବିଦ୍ୟୁତ୍ ତାର ପୋଡ଼ିଗଲା

**ବାଲେଶ୍ୱର, ୨୨।୧(ସମିସ):** ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ସୁନହଟ ମଧୁଆମିଲ ନିକଟରେ ଏକ ବିଦ୍ୟୁତ ଖୁଣ୍ଟରେ ନିଆଁ ଲାଗିଯାଇ ଥିଲା। ନିଆଁ ଲାଗିବା ଫଳରେ ବିଦ୍ୟୁତଖୁଣ୍ଟର ତାର ଗୁଡିକ ପୋଡି ନଷ୍ଟ ହୋଇଯାଇଛି। ସୋମବାର ସକାଳ ପ୍ରାୟ ୯ଟା ୧୫ରେ ବିଦ୍ୟୁତ ଖୁଣ୍ଟରେ ନିଆଁ ଲାଗିଥିବା ଲୋକେ ଦେଖିଥିଲେ। ନିଆଁକୁ ଆୟତ୍ତ କରିବା ପାଇଁ ସ୍ଥାନୀୟ ଲୋକମାନେ ଉଦ୍ୟମ କରିଥିଲେ।ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରି ନେଇଥିଲେ। କୌଣସି ବଡ ଅଘଟଣ ଘଟି ନଥିବାବେଳେ କିଛି ବିଦ୍ୟୁତ ତାର ପୋଡି ଯାଇଛି। ସଟ ସର୍କିଟ ଯୋଗୁଁ ନିଆଁ ଲାଗି ଥିବା ଅନୁମାନ କରାଯାଉଛି।

## ଯୁବ କଂଗ୍ରେସର ବ୍ଲକସ୍ତରୀୟ ସାଂଗଠନିକ ବୈଠକ

ଭୋଗରାଇ, ୨୨।୧ (ସମିସ) : ଭୋଗରାଇ ବିଧାନସଭା ନିର୍ବାଚନ କ୍ଷେତ୍ର ଯୁବ କଂଗ୍ରେସର ଏକ ବ୍ଲକ ସ୍ତରୀୟ ପରିବର୍ଦ୍ଧିତ ସାଙ୍ଗଠନିକ ବୈଠକ ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖସ୍ଥ ଆକ୍ସିସ ବ୍ୟାଙ୍କ ଶାଖା କୋଠାରେ ଅନୁଷ୍ଠିତ ଏହି ସାଙ୍ଗଠନିକ ବୈଠକରେ ବ୍ଲକ ଯୁବ କଂଗ୍ରେସ ସଭାପତି ଜୟଦେବ ଦାସ ଅଧ୍ୟକ୍ଷତା କରିଥିଲେ। ବିଶିଷ୍ଟ ଅତିଥି ଭାବେ ଭୋଗରାଇ କଂଗ୍ରେସ ନେତା ସତ୍ୟଶିବ ଦାସ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ଯୁବ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ତୁଷାର କାନ୍ତ ତପସ୍ୱୀ, ଜିଲ୍ଲା କଂଗ୍ରେସ ଉପ ସଭାପତି ଗୋପବନ୍ଧୁ ମହାପାତ୍ର, ୩୩ ନଂ ଜିଲ୍ଲା ପରିଷଦ ସଦସ୍ୟ ତଥା କଂଗ୍ରେସ ଜିଲ୍ଲା ସାଧାରଣ ସମ୍ପାଦକ ସନ୍ତୋଷ କୁମାର ଜେନା, ଜିଲ୍ଲା କଂଗ୍ରେସ ସମ୍ପାଦକ ଶିଶିର ମହାପାତ୍ର, କଂଗ୍ରେସ ଜିଲ୍ଲା ପରିଷଦ ଜୋନ ସଭାପତି ତଥା ନିମାତପୁର ସରପଞ୍ଚ ରାଜେନ୍ଦ୍ର ଦଳାଇ, କଂଗ୍ରେସ ଜିଲ୍ଲା ପରିଷଦ ଜୋନ ସଭାପତି ତଥା ପୂର୍ବତନ ଶଙ୍ଖାରୀ ସରପଞ୍ଚ ରାଧାବିନୋଦ ଦାସ, କଂଗ୍ରେସ ଜିଲ୍ଲା ସମ୍ପାଦିକା ତଥା ମନ୍ଦାରସାହି ସରପଞ୍ଚ ମମତା ସାହୁ, ବ୍ଲକ କଂଗ୍ରେସ ସାଧାରଣ ସମ୍ପାଦକ ଦୀପେଶ ଚନ୍ଦ୍ର ରାୟ, ବ୍ଲକ କିଷାନ କଂଗ୍ରେସ ସଭାପତି ଓ କଂଗ୍ରେସ ଜିଲ୍ଲା ପରିଷଦ ଜୋନ ସଭାପତି ତଥା ପୂର୍ବତନ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ପାତ୍ର, ଜିଲ୍ଲା ପରିଷଦ ଜୋନ ସଭାପତି ରାଜେନ୍ଦ୍ର ପଣ୍ଡା, ଜିଲ୍ଲା ପରିଷଦ ଜୋନ ସଭାପତି ତଥା ପୂର୍ବତନ କୁମ୍ଭୀରଗଡ଼ି ସରପଞ୍ଚ ରତନ ବାଗ, କସବା କମର୍ଦ୍ଦା ପଞ୍ଚାୟତ ସମିତି ସଦସ୍ୟ କେଶବ ଚନ୍ଦ୍ର ମିଶ୍ର, ମହେଶପୁର ସରପଞ୍ଚ ବରେନ୍ଦ୍ର ପାତ୍ର, ଯୁବନେତା କପିଳ ନାଥ ପ୍ରମୁଖ ଯୋଗ ଦେଇ ପ୍ରତ୍ୟେକ ପଞ୍ଚାୟତରେ ତୃଣମୂଳ ସ୍ତରରୁ କଂଗ୍ରେସ ସଙ୍ଗଠନକୁ ସୁଦୃଢ କରିବା ଉପରେ ଗୁରୁତ୍ୱ ଦେଇ ବିସ୍ତୃତ ଆଲୋଚନା କରିଥିଲେ। ଭୋଗରାଇ ବିଧାନସଭା କ୍ଷେତ୍ର ଅନ୍ତର୍ଗତ ସମସ୍ତ ୫୦ଟି ପଞ୍ଚାୟତରୁ ଶତାଧିକ ଯୁବ ନେତୃତ୍ୱ, ଆଗୁଆ କର୍ମୀ ଓ ସମର୍ଥକ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ।

## ଅଯୋଧ୍ୟାରେ ରାମଲାଲାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

# ଉତ୍ସବମୁଖର ପୁରପଲ୍ଲୀ, ସବୁଠି 'ରାମ ନାମ'



**ଚନ୍ଦନେଶ୍ୱର, ୨୨।୧(ସମିସ)**

ଅଯୋଧ୍ୟାରେ ରାମ ମନ୍ଦିରରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ନେଇ ସମଗ୍ର ଦେଶ ରାମ ନାମର ପ୍ରତିଧ୍ୱନୀରେ ଆନନ୍ଦିତ ହେଉଛି। କେଉଁଠି ଭଗବାନ ଶ୍ରୀରାମଙ୍କ ସହ ସୀତା, ଅନୁଜ ଲକ୍ଷ୍ମଣ, ଭକ୍ତ ହନୁମାନଙ୍କ ବେଶ ଧାରଣ କରି ନଗର ପରିକ୍ରମା ହେଉଛି ତ କେଉଁଠି ନାମ ସଂକୀର୍ତ୍ତନ, ଯଜ୍ଞାନୁଷ୍ଠାନ ଅନୁଷ୍ଠିତ ହେଉଥିବା ଦେଖିବାକୁ ମିଳିଛି। ଆଜି ସୋମବାର କେନ୍ଦ୍ରସରକାର ଓ ରାଜ୍ୟ ସରକାର ତରଫରୁ ଏଥିପାଇଁ ଛୁଟି ଘୋଷଣା କରାଯାଇଥିବାରୁ ଏହି ଭବ୍ୟ ମୁହୂର୍ତ୍ତକୁ ବିଭିନ୍ନ ମାଧ୍ୟମରେ ଉପଭୋଗ କରି ଲୋକଙ୍କ ଖୁସି ଆକାଶଛୁଆଁ ହେଉଛି। ଏଭଳି ଦୃଶ୍ୟ କେବଳ ଦେଶରେ ନୁହେଁ, ବିଦେଶରେ ମଧ୍ୟ ଦେଖାଯାଉଛି। ସେଥିପାଇଁ ଆଜି ଚନ୍ଦନେଶ୍ୱର ଠାରେ ଶ୍ରୀରାମ ମନ୍ଦିର ପରିଚାଳନା କମିଟି ଭୋଗରାଇ ଖଣ୍ଡ ତରଫରୁ ପଥପ୍ରାନ୍ତ ପରିକ୍ରମା ରାଜ୍ୟ ଅଖଣ୍ଡ ଭାରତ ସଭାପତି କୈଶିକ ଚାନ୍ଦଙ୍କ ନେତୃତ୍ୱରେ ରାମ, ଲକ୍ଷ୍ମଣ, ସୀତା, ହନୁମାନ ବେଶ ଧାରଣ ସହିତ ଏକ ବିରାଟ ପଟୁଆରରେ ଶତାଧିକ ଲୋକ ଡିଜେ, ପତାକା, ବାଦ୍ୟ ନୃତ୍ୟର ତାଳେତାଳେ ହୁଗୁଳି ଓ ବାଜିତପୁର ପଞ୍ଚାୟତ ପରିକ୍ରମା କରିବା ସହିତ ଏଠାରୁ ୮ କି.ମି. ଦୂର ଥାନାଛକ ପର୍ଯ୍ୟନ୍ତ ଯାଇ ସେଠାରେ ହନୁମାନ ମନ୍ଦିରରେ ପ୍ରସାଦ ସେବନ କରିଥିଲେ। ସେଠାରୁ ସେମାନେ କମର୍ଦ୍ଦା ପର୍ଯ୍ୟନ୍ତ ଯାଇଥିବାର ସୂଚନା ମିଳିଛି। ପଟୁଆରରେ ଅମ୍ବରିଶ ମହାନ୍ତି, ଅଭିଷେକ ପଣ୍ଡା, ଅନୁପମ ପଣ୍ଡା, ଦିପୁ ଜେନା, ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

**ଚୌକି:** ଭୋଗରାଇ ବ୍ଲକ ଅନ୍ତର୍ଗତ ଦେଉଳା ପଞ୍ଚାୟତରେ ଥିବା ଶୀତଳା ମାତା ଯୁବକ ସଂଘ ଦ୍ୱାରା ଶୀତଳା ମାତା ମନ୍ଦିର ଆଗରେ ଅଯୋଧ୍ୟାରେ ରାମଲାଲଙ୍କ ମନ୍ଦିର ପ୍ରତିଷ୍ଠା ଅବସରରେ ଦେଉଳା ଶୀତଳା ମାତା ମନ୍ଦିର ପାର୍ଶ୍ୱରେ ବିରାଟ ଯୋଜ୍ଞ ଅନୁଷ୍ଠିତ ହୋଇଯାଇଛି। ପୁରହିତ ପ୍ରଦୀପ ପଣ୍ଡା ଯୋଜ୍ଞରେ ୨୦ କିଲୋ ଘୃତ ଆହୁତି କରିଥିଲେ। ଯୁବ ସଂଘର ସଭାପତି ରାମଚନ୍ଦ୍ର ପାଳ ଓ ସମ୍ପାଦକ ଅଜିତ୍ ପାତ୍ର ଏହି ବିଶାଳ କାର୍ଯ୍ୟକ୍ରମ ଆୟୋଜିତ କରିଥିଲେ। ସଂଗ୍ରାମ ମାହାନ୍ତି, ବୀରେନ୍ଦ୍ର ଦାସ, କୂଳପ୍ରଦୀପ ଦାସ, ବାବୁରାମ ଦାସ, ପଙ୍କଜ ଦାସ, ଅଜୟ ଦାସ, ପୁଲୋକ ଚନ୍ଦ୍ର ପାଳ ଧିରେନ୍ଦ୍ର ଦାସ, ଶିବୁ ଦାସ, ମାନସ ମହାନ୍ତି, ପଦ୍ମଲୋଚନ ଦିଣ୍ଡା, କାର୍ତ୍ତିକ ପାଳ ଶଶାଙ୍କ ପାତ୍ର ଆଦି ବହୁସଂଖ୍ୟକ ଲୋକ ସହଯୋଗ କରିଥିଲେ।

**ବଳରାମପୁର:** ଅଯୋଧ୍ୟାରେ ଶ୍ରୀରାମଙ୍କ ମନ୍ଦିର ପ୍ରତିଷ୍ଠା ହେଉଥିବାରୁ ରାମ ଭକ୍ତଙ୍କ ଭିତରେ ଖୁସିର ଲହରୀ ଦେଖିବାକୁ ମିଳିଛି। ରାମଭକ୍ତଙ୍କ ପ୍ରୟାସରେ ଅସ୍ତି, ବଳରାମପୁର, ବାଲିକୁଟି, ସାଉଡି, ବଣିଆଡିହା, ବୋଲଙ୍ଗ ପଞ୍ଚାୟତ ସମେତ ବହୁ ପଞ୍ଚାୟତରେ ଥିବା ମନ୍ଦିରରେ ଠାକୁର ମାନଙ୍କୁ ପୂଜା ଅର୍ଚ୍ଚନା କରି ପ୍ରସାଦ ସେବନ, ଖେଚିଡି ଆଦିର ବ୍ୟବସ୍ଥା କରାଯାଇଛି। କଟିସାହିରେ ୩ ଶହ, ବାଲିକୁଟି ରେ ୨ ଶହ, ବଳରାମପୁର ରେ ୨ ଶହ, ସାଉଡ଼ିରେ ୭ ଶହ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସାଉଡି ପଞ୍ଚାୟତରେ ଶ୍ରୀରାମ ଭକ୍ତଙ୍କ ପାଇଁ ଏକ ସଭା ଅନୁଷ୍ଠିତ ହୋଇଥିଲା।

ପୁରୁଷୋତ୍ତମ ଜେନାଙ୍କ ସଭାପତିତ୍ୱରେ ବିଜେପି ନେତା ରବୀନ୍ଦ୍ର ଜୈନ, ପୂର୍ବତନ ସାଂସଦଙ୍କ ପ୍ରତିନିଧି ଅରବିନ୍ଦ ବେହେରା, ସାଂସଦଙ୍କ ପ୍ରତିନିଧି ମହେଶ୍ୱର ଜେନା, ଯୁବନେତା ଗୌରବ ଅଣ୍ଡିଆ, ବିକାଶ ଗିରି, କମଳ ଲୋଚନ ଦତ୍ତ, ସରପଞ୍ଚ ଧରଣୀଧର ମଲ୍ଲିକ, କମିଟି ସଦସ୍ୟ ଜୟନ୍ତ ହଟାଇ, ପ୍ରଦୀପ ସାମନ୍ତ, ନିରଞ୍ଜନ ହଟାଇ, ସୁନୀଲ ପଟ୍ଟାୟତ, ସୁବାସ ମୈକାପ, ଅଶୋକ ପଟ୍ଟାୟତ, ସମାଜସେବୀ ହେରେକୃଷ୍ଣ ସାମନ୍ତ, ଜଗବନ୍ଧୁ ମଲ୍ଲିକ, ପଞ୍ଚାୟତ ପ୍ରମୁଖ ଜଗନ୍ନାଥ ଧଳ, ପଞ୍ଚାୟତର କାର୍ଯ୍ୟକର୍ତ୍ତା ସପନ ସେଠି, ପ୍ରଦୀପ ପଟ୍ଟାୟତ, ଆନନ୍ଦ ସାମନ୍ତ, ଶ୍ରୀକୃଷ୍ଣ ପଟ୍ଟାୟତ ପ୍ରମୁଖ ଉପସ୍ଥିତ ରହି ରାମଙ୍କ ବିଷୟରେ ଉଦବୋଧନ ଦେଇଥିଲେ। ବଜରଙ୍ଗ ବାଲି ତରଫରୁ ଜୟ ଶ୍ରୀରାମ ନାରାରେ ବାଇକ ରାଲେ କରି ବିଭିନ୍ନ ଛକରେ ପ୍ରସାଦ ବଣ୍ଟନ କରିଥିଲେ।





## ଗୋବର୍ଦ୍ଧନପୁରରେ ଯଜ୍ଞ ଉତ୍ସବ

**ଜଳେଶ୍ୱର ବ୍ଲକ, ୨୨।୧ (ସମିସ):** କୋଟସାହି ପଞ୍ଚାୟତ ଗୋବର୍ଦ୍ଧନପୁର ଗ୍ରାମର ଅଖିଳେଶ୍ୱର ଯୁବକ ସଂଘ ଓ ଉତ୍କଳ ଜନନୀ ସେବା ସଂଗଠନର ସମସ୍ତ କର୍ମକର୍ତ୍ତାଙ୍କ ମିଳିତ ଆନୁକୂଲ୍ୟରେ ପବିତ୍ର ଶ୍ରୀରାମଙ୍କ ଅଯୋଧ୍ୟାରେ ନୂତନ ବିଗ୍ରହ ବିରାଜିତ ନିମନ୍ତେ ଏହି ଶୁଭ ଅବସରରେ ଏକ ଯଜ୍ଞର ଆୟୋଜିତ କରିବା ସହିତ ଗ୍ରାମରେ ନାମ ସଂକୀର୍ତ୍ତନ ଏବଂ ଜୟ ଜୟ ଶ୍ରୀରାମ ସ୍ଲୋଗାନ ଦେଇ ଚତୁଃର୍ଦିଗ ପ୍ରକମ୍ପିତ କରିବା ସହିତ ଖୁବ ଧୁମଧାମରେ ପ୍ରଭୁ ଶ୍ରୀରାମଙ୍କ ପୂଜାର୍ଚ୍ଚନା କରିଥିଲେ। ଗ୍ରାମବାସୀ ବହୁତ ଖୁସିରେ ଯଜ୍ଞ ପୂଜାକୁ ସଫଳ କରିଥିଲେ। ସନ୍ଧ୍ୟାରେ ପ୍ରତ୍ୟେକ ଘରେ ଝୋଟି ଓ ଦୀପ ଲଗାଇ ଶ୍ରୀରାମଙ୍କ ଉଦ୍ଦେଶ୍ୟରେ ପୂଜାର୍ଚ୍ଚନା କରାଯାଇଥିଲା।



## 'ଓଡ଼ିଶା ଓ ଜଗନ୍ନାଥ ସଂସ୍କୃତି' ଶୀର୍ଷକ ଆଲୋଚନାଚକ୍ର



**ଭୋଗରାଇ, ୨୨।୧ (ସମିସ)**

ଶ୍ରୀଜଗନ୍ନାଥ ହେଉଛନ୍ତି ପ୍ରତି ଓଡ଼ିଆଙ୍କ ପ୍ରାଣକେନ୍ଦ୍ର। ଓଡ଼ିଶା ସଂସ୍କୃତି ଏବଂ ଜଗନ୍ନାଥ ସଂସ୍କୃତି ଏକ ଓ ଅଭିନ୍ନ। ଓଡ଼ିଶାବାସୀଙ୍କ ଦୈନନ୍ଦିନ ଜୀବନଯାପନ ଓ ଚଳଣି ସହିତ ବିଶ୍?ନିୟନ୍ତା ଶ୍ରୀଜଗନ୍ନାଥଙ୍କ ଦୈନନ୍ଦିନ ନୀତିକାନ୍ତି ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଜଗନ୍ନାଥ ସଂସ୍କୃତି ସମଗ୍ର ବିଶ୍ୱବାସୀଙ୍କୁ ଜାତି ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏକତା ସୂତ୍ରରେ ବାନ୍ଧି ରଖିବା ସହ ଶାନ୍ତି, ମୈତ୍ରୀ ଓ ପ୍ରୀତିର ବାର୍ତ୍ତା ବାଣ୍ଟି ଆସୁଛି। ସେଇଥି ପାଇଁ ସମଗ୍ର ବିଶ୍ୱରେ ଓଡ଼ିଶା ଜଗନ୍ନାଥ ଦେଶ ଭାବେ ପରିଚିତ ବୋଲି ଭୋଗରାଇ ବ୍ଲକର ଅନ୍ୟତମ ଅଗ୍ରଣୀ ଶିକ୍ଷାନୁଷ୍ଠାନ ବାରବାଟିଆ ସ୍ଥିତ ଚନ୍ଦନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆୟୋଜିତ 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅବସରରେ 'ଓଡ଼ିଶା ଓ ଜଗନ୍ନାଥ ସଂସ୍କୃତି' ଶୀର୍ଷକ ଉପରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଅତିଥି ମାନେ ମତବ୍ୟକ୍ତ କରିଛନ୍ତି। ଓଡ଼ିଶା ସରକାରଙ୍କ ପକ୍ଷରୁ ଫେବୃୟାରୀ ମାସରେ ଅନୁଷ୍ଠିତ ହେବାକୁ ଥିବା 'ବିଶ୍ୱ ଓଡିଆ ଭାଷା ସମ୍ମିଳନୀ' ଏବଂ 'ଜଗନ୍ନାଥ ସଂସ୍କୃତି' ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ଆୟୋଜିତ 'ନୂଆ -ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା'ର ଆଲୋଚନାଚକ୍ରରେ ବାରବାଟିଆ ଚନ୍ଦନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଖଟୁଆ ଅଧ୍ୟକ୍ଷତା କରିଥିଲେ। ବିଶିଷ୍ଟ ଆଲୋଚକ ଭାବେ ଭୋଗରାଇ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ସର୍ବ ଦର୍ଶନ ସଂସ୍କୃତ ସାହିତ୍ୟ ବିଭାଗର ଗବେଷକ ଡଃ ସତୀଶ ଚନ୍ଦ୍ର ପଣ୍ଡା ଏବଂ ବିଶିଷ୍ଟ ସାହିତ୍ୟିକ ଡଃ ନୀଳକଣ୍ଠ ଖଣ୍ଡା ଯୋଗ ଦେଇ ସଂସ୍କୃତି ସମୃଦ୍ଧ ଓଡ଼ିଶା ଓ ଜଗନ୍ନାଥ ସଂସ୍କୃତିର ଉତ୍କର୍ଷତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହିତ ଓଡ଼ିଶା ଓ ଜଗନ୍ନାଥ ସଂସ୍କୃତି ମଧ୍ୟରେ ଥିବା ସମାନତା ସମ୍ପର୍କରେ ଆଲୋକପାତ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ପ୍ରଦୀପ କୁମାର ପରିଡ଼ା ଅତିଥି ପରିଚୟ, କାର୍ଯ୍ୟକ୍ରମର ନୋଡାଲ ଅଫିସର ଅଧ୍ୟାପକ ସୁକାନ୍ତ ଶେଖର ପାତ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ ଓ ଅଧ୍ୟାପକ ମୃତ୍ୟୁଞ୍ଜୟ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ବିଜୟ କୁମାର ପ୍ରଧାନ ଓ ରାଜେଶ ବଟବ୍ୟାଲ, ଅଧ୍ୟାପିକା ଦୀପାଳି ମହାନ୍ତି, ରାଜଶ୍ରୀ ଦତ୍ତ, କଲ୍ୟାଣୀ ମାହାନା ଓ ଅଞ୍ଜନା ପଲେଇ, ଅଣଶିକ୍ଷକ କର୍ମଚାରୀ ସଞ୍ଜିବ କୁମାର ହାତୀ, ଅଜିତ କୁମାର ପାତ୍ର, ରଞ୍ଜନ କୁମାର ଆଚାର୍ଯ୍ୟ, ଶୁଭେନ୍ଦୁ ନାୟକ, ମହମ୍ମଦ ହନିଫ ଖାଁ, ସୁରେନ୍ଦ୍ର ନାଥ ସାହୁ ଓ ହରିଶଙ୍କର ଦତ୍ତ ପ୍ରମୁଖ ସହଯୋଗ କରିଥିଲେ।

## ୟଙ୍ଗ୍ଷ୍ଟାର କ୍ଲବ୍ ଜିତିଲା କମଲ ଅଗ୍ରୱାଲ ଚାମ୍ପିଅନ ଟ୍ରଫି

**ରୂପସା, ୨୨।୧ (ସମିସ):** ବାହାବଳପୁର ୟଙ୍ଗଷ୍ଟାର କ୍ଲବ ଆନୁକୂଲ୍ୟରେ ଆୟୋଜିତ କମଲ ଅଗ୍ରୱାଲ କ୍ରିକେଟ ଚାମ୍ପିଅନ ଟ୍ରଫି ସୋମବାର ଉଦ୍ଯାପିତ ହୋଇଯାଇଛି। ବାହାବଳପୁର ୟଙ୍ଗ ଷ୍ଟାର କ୍ଲବ ଏବଂ ଭଦ୍ରକ ଫ୍ରେଣ୍ଡସ ଇଲେଭେନ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଭଦ୍ରକ ଟିମକୁ ୯୬ ରନରେ ପରାସ୍ତ କରି ବାହାବଳପୁର ୟଙ୍ଗ ଷ୍ଟାର କ୍ଲବ ଚଳିତ ବର୍ଷ ଟାଇଟଲ ବିଜୟୀ ହୋଇଛି। ୟଙ୍ଗ ଷ୍ଟାର କ୍ଲବ ପ୍ରଥମେ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ବିନିମୟରେ ଦଳ ୨୦୩ ରନ ସଂଗ୍ରହ କରିଥିଲା। ବ୍ୟାଟ୍ସମ୍ୟାନ ସବ୍ୟସାଚୀ ଆଚାର୍ଯ୍ୟ ସର୍ବାଧିକ ୮୨ରନ କରି ମ୍ୟାନ ଅଫ ଦା ମ୍ୟାଚ ବିବେଚିତ ହୋଇଥିଲେ। ଅଲରାଉଣ୍ଡର ନରୋତ୍ତମ ଭଞ୍ଜ ମ୍ୟାନ ଅଫ ଦି ସିରିଜ ହୋଇଥିଲେ। ଜବାବରେ ଭଦ୍ରକ ଟିମ ୧୪.୪ ଓଭର ରେ ୧୦୭ ରନ କରି ଅଲଆଉଟ ହୋଇଯାଇଥିଲେ। ୟଙ୍ଗ ଷ୍ଟାର ବୋଲର ନିର୍ବିଶଙ୍କର ବାରିକ ୪ ଟି ଉଇକେଟ ନେଇଥିଲେ। କ୍ଲବ ସଭାପତି ଲକ୍ଷ୍ମୀକାନ୍ତ ବେରାଙ୍କ ପୌରାହିତ୍ୟରେ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ବିଧାୟକ ସ୍ୱରୂପ କୁମାର ଦାସ, ମୁଖ୍ୟବକ୍ତା ପୂର୍ବତନ ସରପଞ୍ଚ ଗୟାପ୍ରସାଦ ଦାସ, ସମ୍ମାନିତ ଅତିଥି ମତ୍ସ୍ୟଜୀବୀ ସଂଘ ସଭାପତି ବିକାଶ ଦାସ, ସମ୍ପାଦକ ଗୋରାଚାନ୍ଦ ଜେନା, ସରପଞ୍ଚ ପ୍ରବୀର କୁମାର ସାହୁ ପ୍ରମୁଖ ଯୋଗ ଦେଇ ଚାମ୍ପିଅନ ଟିମକୁ ନଗଦ ୧୩ ହଜାର ଓ ରନର୍ସ ଅପ ଟିମକୁ ୧୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଆମ୍ପାୟାର ତାପସ ଜେନା ଓ ସଞ୍ଜୟ ବେରା ମ୍ୟାଚ ପରିଚାଳନା କରିଥିଲେ। ସଞ୍ଜୟ ମଣ୍ଡଳ ଓ ପାର୍ଥ ଦାସ ସ୍କୋରିଙ୍ଗ ଦାୟିତ୍ୱରେ ଥିଲେ। ପ୍ରେମଚାନ୍ଦ ପରିଡ଼ା, ସଞ୍ଜୀବ ମଣ୍ଡଳ ଓ ଅସୀମ ପରିଡ଼ା ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବ ସମ୍ପାଦକ ମୁକ୍ତିକାନ୍ତ ବେରା, କ୍ରୀଡା ସମ୍ପାଦକ ବିବେକ ଦାସ, ସବିନ ଜେନା, ସୁଜୟ ଦାସ, ସପନ ବର୍ମନ, କମଲ ମାଇତି, ପପୁ ଜେନା, ଇନ୍ଦ୍ରଜିତ ଜେନା ପ୍ରମୁଖ ପରିଚାଳନା କରିଥିଲେ।



# ସମରାୟଙ୍କ ମୁହଁରେ ଫୁଟିଲା ହସ

**ଜଳେଶ୍ୱର ବ୍ଲକ, ୨୨।୧ (ସମିସ)**



ଦୁଃଖ ବୁଝିଲେ ପୌରାଧ୍ୟକ୍ଷ

ସମରାୟଙ୍କ ମୁହଁରେ ଫୁଟିଲା ହସ। ଏଣିକି ସୁସ୍ଥ ଜୀବନ କାଟିବେ ସମରାୟ ହେମ୍ବ୍ରମ। ବିଏସକେୱାଇ କାର୍ଡରେ ସମସ୍ତ ଟଙ୍କା ଖର୍ଚ୍ଚ ହେବା ସହିତ ଉନ୍ନତ ମାନର ଚିକିତ୍ସା ପାଇବେ ସମରାୟ ହେମ୍ବ୍ରମ। ଜଳେଶ୍ୱର ନଗରପାଳ ପ୍ରଦୀପ କୁମାର ପ୍ରଧାନଙ୍କ ପାଖରୁ ପ୍ରତିଶୃତି ପରେ ସମରାୟଙ୍କ ମୁହଁରେ ଫୁଟିଛି ହଁସ। ସମରାୟ ହେଉଛନ୍ତି ଜଳେଶ୍ୱର ପୌରାଞ୍ଚଳ ୧୩ନମ୍ବର ୱାର୍ଡର ପୂର୍ବତନ କାଉନସିଲର। ୨୦୦୮ରୁ ୨୦୧୩ ପର୍ଯ୍ୟନ୍ତ ସେ ପୌର ପରିଷଦର ସଦସ୍ୟ ଭାବେ ଠିକ ଭାବେ କାର୍ଯ୍ୟ ତୁଲାଇ ଥିଲେ। ସମରାୟଙ୍କ ଦୁରାବସ୍ଥାର ଖବର ପାଇବା ପରେ ମନ୍ତ୍ରୀ ତଥା ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଜଳେଶ୍ୱର ପୌରାଧ୍ୟକ୍ଷ ପ୍ରଦୀପ କୁମାର ପ୍ରଧାନଙ୍କୁ ଉଚିତ୍ ପଦକ୍ଷେପ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଗୁରୁତ୍ୱର ସହ ଜଳେଶ୍ୱର ପୌରାଧ୍ୟକ୍ଷ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ କୁମାର ମହାପାତ୍ର ପୀଡ଼ିତ ସମରାୟଙ୍କ ପାଖରେ ପହଞ୍ଚି ତାଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇଛନ୍ତି।

ଏହା ସହ ମୁଖ୍ୟମନ୍ତ୍ରୀ ଯୋଗାଇ ଦେଉଥିବା ବିଏସକେୱାଇ କାର୍ଡ ମାଧ୍ୟମରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ ବୋଲି ମଧ୍ୟ ପ୍ରତିଶ୍ରୁତି ଦେବା ସହିତ ରହିବା ପାଇଁ ଘର ଏବଂ ବର୍ତ୍ତମାନ ରହିବା ପାଇଁ ଏକ ପଲିଥିନର ବ୍ୟବସ୍ଥା କରାଇଛନ୍ତି। ପୌରାଧ୍ୟକ୍ଷ ଶ୍ରୀ ପ୍ରଧାନ ସମରାୟଙ୍କୁ କାର୍ଯ୍ୟାଳୟଆଣି ଚିକିତ୍ସା ଓ ସମସ୍ତ ସମସ୍ୟାର ସମାଧାନ କରିବା ପ୍ରତିଶୃତି ମଧ୍ୟ ଦେଇଛନ୍ତି।

# ଅସହାୟ ମହିଳାଙ୍କ ଶବଦାହ କଲା ଆଦର୍ଶ ଯୁବ ପରିଷଦ



**ସୋର, ୨୨।୧(ସମିସ)**

ସୋର ପୌରପାଳିକା ଅନ୍ତର୍ଗତ ସ୍ୱର୍ଗଦ୍ୱାରରେ ଜଣେ ଅସହାୟ ମହିଳାଙ୍କ ଶବକୁ ସୋରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆଦର୍ଶ ଯୁବ ପରିଷଦ ପକ୍ଷରୁ ସତ୍କାର କରାଯାଇଛି। ଘଟଣାରୁ ପ୍ରକାଶ ସିମୁଳିଆ ବ୍ଲକ ବାଟି ପଞ୍ଚାୟତ ଅନ୍ତର୍ଗତ ଏକ ବିଲରେ କୁନି ସିଂ ନାମକ ଜଣେ ଅସହାୟ ମହିଳା ମୃତ୍ୟୁ ବରଣ କରିଥିଲେ। ତାଙ୍କ ଶବକୁ ସିମୁଳିଆ ପୁଲିସ ଜବତ କରି ସୋର ହସ୍ପିଟାଲ କୁ ଆଣିଥିଲେ। ଏହାପରେ ତାଙ୍କ ଝିଅ କଣ୍ଟେଇ ମୁଣ୍ଡା ସୋର ହସ୍ପିଟାଲ ରେ ପହଞ୍ଚିଥିଲେ। ସୋର ହସ୍ପିଟାଲରେ ବ୍ୟବଚ୍ଛେଦ ସରିବା ପରେ ତାଙ୍କ ଶବସତ୍କାର କରିବାକୁ ତାଙ୍କ ଝିଅ ଅସହାୟତା ପ୍ରକାଶ କରିଥିଲେ। ଫଳରେ ସିମୁଳିଆ ପୁଲିସ ସୋରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନକୁ ଶବ ସତ୍କାର ପାଇଁ ଅନୁରୋଧ କରିଥିଲେ। ଆଦର୍ଶ ଯୁବ ପରିଷଦର ସଦସ୍ୟ ମାନେ ସ୍ୱର୍ଗଦ୍ୱାରକୁ ନେଇ ହିନ୍ଦୁ ପରମ୍ପରା ଅନୁସାରେ ଶବଦାହ କରି ମାନବିକତାର ପରିଚୟ ଦେଇଥିଲେ। ଶବଦାହର ସମସ୍ତ ଖର୍ଚ୍ଚ ପରିଷଦ ସଦସ୍ୟମାନେ ବହନ କରିଥିବା ଜଣାପଡ଼ିଛି।

## ଗାଡ଼ି ଧକ୍କାରେ ରେଳଫାଟକ ଭାଙ୍ଗିଲା

**ସିମୁଳିଆ, ୨୨।୧(ସମିସ):** ଟାଟା ଏସି ଗାଡି ଧକ୍କାରେ ଭାଙ୍ଗିଲା ବଣା ରେଳ ଫାଟକ। ଉକ୍ତ ଘଟଣାର ରେଳ ପୋଲିସର ତଦନ୍ତ କରୁଥିବା ଜଣାଯାଇଛି। ସୂଚନାରୁ ପ୍ରକାଶ ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ମାର୍କୋଣା ରେଳ ଷ୍ଟେସନର ଉତ୍ତର ପାର୍ଶ୍ୱ ଏକମାତ୍ର ରେଳ ଫାଟକ ଥିବାରୁ ଟ୍ରେନ ଯିବା ସମୟରେ ଫାଟକଟି ଭୀଷଣ ଭିଡ ପରିଲିକ୍ଷିତ ହୋଇଥାଏ। ଉଡନ୍ତା ପୋଲ କିମ୍ବା ଦକ୍ଷିଣ ପାର୍ଶ୍ୱରେ ପୂର୍ବରୁ ଥିବା ଗୌଡିଦିଆ ୧୧୧ନଂ ରେଳ ଫାଟକଟିକୁ ଖୋଲାଗଲେ କିଛି ମାତ୍ରାରେ ଭିଡ କମି ଯାଇ ପାରନ୍ତା ମାତ୍ର ରେଳ କର୍ତ୍ତୃପକ୍ଷଙ୍କ ବୈମାତୃକ ଭାବ ଯୋଗୁଁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। ପୂର୍ବାହ୍ନ ସମୟରେ ଫାଟକଟି ବନ୍ଦ ହେବା ସମୟରେ ଏକ ଟାଟା ଏସିଇ ଗାଡିଟି ଲାଗିଯାଇ ରେଳ ଫାଟକଟି ଭାଙ୍ଗି ଯାଇଥିଲା। ଯାହା ଫଳରେ କିଛି ସମୟ ଏହି ଫାଟକ ଦେଇ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ବାଲେଶ୍ୱର ରେଳ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡିକୁ ଜବତ କରିବା ସହ ତଦନ୍ତ କରିଛି।

## ସୋର-ମାଣିପୁର ରାସ୍ତା ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ



**ସୋର, ୨୨।୧(ସମିସ):** ୧୬ ନମ୍ବର ଜାତୀୟ ରାଜପଥ ସୋର ମାଟିଆପହ୍ଲା ଠାରୁ ମାଣିପୁର ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ଅଧୀନରେ ୯.୩୦୦ମିଟର ରାସ୍ତାର ନିର୍ମାଣ ପାଇଁ ଆଜି ଶିଳାନ୍ୟାସ କରାଯାଇ କାର୍ଯ୍ୟ ଶୁଭାରମ୍ଭ ହୋଇଛି। ଏହି ଉପଲକ୍ଷେ ପୂର୍ବାହ୍ଣ ୧୧ଟା ସମୟରେ ସୋର ବିଧାୟକ ପର୍ଶୁରାମ ଧଡ଼ା ଏଥିରେ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ବହୁ ଦିନର ଜନସାଧାରଣଙ୍କ ଦାବିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୧୧ କୋଟି ଟଙ୍କା ବ୍ୟୟ ଅଟକଳ ମଞ୍ଜୁର କରିଥିବା ବେଳେ ଏହି ରାସ୍ତା ସାଢ଼େ ସାତ ମିଟର ଚଉଡ଼ା ବିଶିଷ୍ଟ ହେବ ଏବଂ ଠିକାଦାର ଆର୍.କେ.ଡି କମ୍ପାନୀ ଏହାକୁ ୧୨ ମାସରେ ଶେଷ କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ଏହି ରାସ୍ତା ସିଧାସଳଖ ମାଣିପୁରରୁ ଔପଦା ବ୍ଲକକୁ ସଂଯୋଗ କରିବା ଦ୍ୱାରା ଉଭୟ ବ୍ଲକର ଲୋକମାନଙ୍କ ପାଇଁ ଯାତାୟତରେ ସୁବିଧା ସୃଷ୍ଟି ହୋଇପାରିବ। ଏହି ଉତ୍ସବରେ ଦୀପ୍ତିକାନ୍ତ ପଣ୍ଡା, ସରପଞ୍ଚ ସଂଧ୍ୟାରାଣୀ ପଣ୍ଡା, ଜିଲା ପରିଷଦ ସଭ୍ୟ ଜୟନ୍ତ ସ୍ୱାଇଁ, ନିରଞ୍ଜନ ଲେଙ୍କା, ରମାନାଥ ବେହେରା, ଜିତେନ୍ଦ୍ର କୁମାର ଦାସ, ପ୍ରଦୀପ ମିଶ୍ର, ପର୍ଶୁରାମ ବେହେରା, ଲକ୍ଷ୍ମୀନାରାୟଣ ଦାଶମହାପାତ୍ର, ପ୍ରସନ୍ନ ଜେନା, ଶ୍ରୀଧର ବେହେରା, ଗୌରହରୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଅଗ୍ନିବିପନ୍ନ ପରିବାରକୁ ସହାୟତା ପ୍ରଦାନ



**ସିମୁଳିଆ, ୨୨।୧(ସମିସ):** ଅଗ୍ନି ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇଲା ତହସିଲ ପ୍ରଶାସନ। ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ମାର୍କୋଣା ପଞ୍ଚାୟତର କୁଣିଆରୀ ଗ୍ରାମର ବୁଦ୍ଧି ରାଉଳଙ୍କ ବିଦ୍ୟୁତ ସର୍ଟସର୍କିଟ ଘଟି ୬ବଖରା ଘର ପୋଡି ପାଉଁଶ ହୋଇ ଯାଇଥିଲା। ଆଜି ତହସିଲ ପ୍ରଶାସନ ପକ୍ଷରୁ ଅଗ୍ନିବିପନ୍ନ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ଏଥି ସହିତ ସରକାରୀ ସହାୟତା ନିମନ୍ତେ କାଗଜପତ୍ର ଯାଞ୍ଚକରି ଫେରିଥିବା ଜଣାଯାଇଛି। ସିମୁଳିଆ ତହସିଲର ଅତିରିକ୍ତ ତହସିଲଦାର ହରନାରାୟଣ ଦାସ, ବରି ରାଜସ୍ୱ ନିରିକ୍ଷକ ସରସୀ ମହାନ୍ତି ଓ ବରି ରାଜସ୍ୱ ନିରିକ୍ଷକ ବସନ୍ତ କୁମାର ପାତ୍ର ଉପସ୍ଥିତ ଥିଲେ। ସେହିପରି ଓଡ଼ିଶା ସେବା ଫାଉଣ୍ଡେସନର ତରଫରୁ ସଂଗଠନର ମୁଖ୍ୟ ପରାମର୍ଶଦାତା ରାମନାଥ ଓ ସଭାପତି ମୋହନ ଗୋଛାୟତ ସମ୍ପାଦକ ଗୌରାଙ୍ଗ ବାରିକଙ୍କ ନେତୃତ୍ୱରେ କୁଣିଆରୀ ଗ୍ରାମ ବୁଦ୍ଧି ଘରେ ପହଞ୍ଚି ଆର୍ôଥକ ସହାୟତା କରିବା ସହ ରାସନ ସାମଗ୍ରୀ ପ୍ରଦାନ କରିଥିଲେ। ଏହି ଅବସରରେ ଗ୍ରାମବାସୀଙ୍କ ପକ୍ଷରୁ ସଂଗଠନକୁ ପ୍ରଶଂସା କରିଥିବା ଜଣାଯାଇଛି। ଏହି ଅବସରରେ ସଂଗଠନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର

**ସୋର, ୨୨।୧(ସମିସ):** ସୋର ବ୍ଲକ ପରିସରରେ ଥିବା ମିଶନ ଶକ୍ତି ଗୃହ ପରିସରରେ ଆଜି ଅପରାହ୍ନରେ ବାଲେଶ୍ୱର ଜିଲ୍ଲାପାଳ ଏବଂ ଏସପିଙ୍କ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଦେ୍ଧ ଏବଂ ଏସପି ସାଗରୀକା ନାଥ ଉପସ୍ଥିତ ରହି ୨୩ଟି ଅଭିଯୋଗର ଶୁଣାଣି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ପିଡି ବିଶ୍ୱରଞ୍ଜନ ନାୟକ, ସୋର ତହସିଲଦାର ଅତନୁ ପ୍ରଧାନ, ବାଲେଶ୍ୱର ଜିଲ୍ଲା ଚିକିତ୍ସାଧିକାରୀ ଦୁଲାଳସେନ ଜଗଦେବ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣୀ ଶିବିରକୁ ସୋର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସତ୍ୟନାଥ ନାୟକ ପରିଚାଳନା କରିଥିଲେ। ଏଥିରେ ମୋଟ ୨୩ ଟି ଅଭିଯୋଗ ମଧ୍ୟରୁ ବିଶେଷ କରି ଭତ୍ତା, ଜମିଜମା, ପ୍ରଧାନମନ୍ତ୍ରୀ ଆବାସ ସହ ଅନ୍ୟ ଅଭିଯୋଗ ଉପରେ ଶୁଣାଣି କରି ସାତ ଦିନ ମଧ୍ୟରେ ଏହାର ସମାଧାନ କରିବାକୁ ଉପସ୍ଥିତ ଥିବା ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ଶ୍ରୀ ସିନ୍ଦେ୍ଧ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ବ୍ଲକରେ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।ଏହି କାର୍ଯ୍ୟକ୍ରମକୁ ସୋର ବ୍ଲକ ଜିପିଓ ସୁଧୀର କୁମାର ସାହୁଙ୍କ ସମେତ ସମସ୍ତ ବ୍ଲକ କର୍ମଚାରୀ ମାନେ ପରିଚାଳନାରେ ସହଯୋଗ କରିଥିଲେ।

### ପାନ ଚାଷୀଙ୍କ କଥା ଶୁଣିଲେ ମୁଖ୍ୟମନ୍ତ୍ରୀ

# ପାନଚାଷକୁ ସରକାରୀ ପ୍ରୋତ୍ସାହନ ପାଇଁ କ୍ଷେତ୍ର ଅନୁଧ୍ୟାନ

**ଚନ୍ଦନେଶ୍ୱର, ୨୨।୧(ସମିସ)**



ପାନ ଚାଷୀଙ୍କ ଦୀର୍ଘଦିନର ଦାବି ପୂରଣ ହେବାକୁ ଯାଉଛି। ରାଜ୍ୟ ସରକାର ପାନ ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ମାଧ୍ୟମରେ ପ୍ରୋତ୍ସାହନ ଯୋଗାଇବାକୁ ଏଇ ନିକଟରେ ଘୋଷଣା କରିଥିଲେ। ଏ ନେଇ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଏବେ କ୍ଷେତ୍ର ଅନୁଧ୍ୟାନ ଆରମ୍ଭ ହୋଇଛି। ଆଜି ଭୋଗରାଇ ବ୍ଲକ ହୁଗୁଳି ପଞ୍ଚାୟତରେ ଉଦ୍ୟାନ ଅଧିକାରୀ ବିଭିନ୍ନ ଅଞ୍ଚଳରେ ବୁଲି ପାନ ବରଜର ସ୍ଥିତି ଅନୁଧ୍ୟାନ କରି ଫେରିଥିବା ଜଣାପଡ଼ିଛି। ଫଳରେ ସମଗ୍ର ଭୋଗରାଇ ଅଞ୍ଚଳର ପାନଚାଷୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

ପ୍ରକାଶ ଯେ, ପାନଚାଷକୁ କୃଷିର ମାନ୍ୟତା ଦେବା ଓ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦୀର୍ଘବର୍ଷ ଧରି ପାନ ଚାଷୀମାନେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କଠାରେ ଦାବି କରିଆସୁଥିଲେ। ସେଥିପାଇଁ ବିଧାନସଭାରେ ଜନପ୍ରତିନିଧିମାନେ ବାରମ୍ବାର ସ୍ୱର ଉଠାଇ ଥିଲେ ମଧ୍ୟ ଏହା ଘୋଷଣା କେନ୍ଦ୍ରସରକାରଙ୍କ ବିଚାରାଧୀନ ହୋଇଥିବାରୁ ହୋଇପାରୁ ନଥିଲା। ତେବେ ଗତ ୨୦୨୩ ମସିହା ମଇ ମାସରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଭୋଗରାଇ ଗସ୍ତରେ ଆସିଥିଲା ବେଳେ ଏଠାକାର ପାନ ଚାଷୀ ସଂଘ ପକ୍ଷରୁ ତାଙ୍କୁ ଭେଟି ଦୁଃଖ ଜଣାଇବା ସହ ପାନ ଚାଷୀ ଙ୍କୁ ସହାୟତା ଯୋଗାଇ ଦେବାପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ସରକାର ପାନ ଓ କିଆଫୁଲ ଚାଷୀଙ୍କୁ ସ୍ୱତନ୍ତ୍ର ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ଘୋଷଣା କରିଥିଲେ। ଏହି କ୍ରମରେ ପ୍ରତି ୨ଶହ ବର୍ଗମିଟର ପରିଧିର ପାନବରଜ ଥିବା ଚାଷୀଙ୍କୁ ସହାୟତା ରାଶି ଲାଗି ଯୋଗ୍ୟ ବିବେଚିତ ହେବେ ବୋଲି ସୂଚାଇ ଥିଲେ। ପାନ ବରଜ ପରିଚାଳନା ପାଇଁ ୨୫୦୦ ଟଙ୍କା ଆର୍ଥିକ ସହାୟତା ଓ ଜଣେ ଚାଷୀ ସର୍ବାଧିକ ୨ଟି ପାନ ବରଜ ପାଇଁ ଏହି ସହାୟତା ରାଶି ପାଇବେ।କିଷାନ କ୍ରେଡିଟ କାର୍ଡ ଜରିଆରେ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦିଆଯିବ ବୋଲି ଘୋଷଣା ହୋଇଥିଲା। ତେଣୁ ବାଲେଶ୍ୱର ଜିଲା ଭୋଗରାଇବ୍ଲକ ହୁଗୁଳି ପଞ୍ଚାୟତରେ ଭୋଗରାଇ ବ୍ଲକ ସହକାରୀ ଉଦ୍ୟାନ ଅଧିକାରିଣୀ ସୌମ୍ୟା ରଥ, ନିଳଗିରି ସହକାରୀ ଉଦ୍ୟାନ ଅଧିକାରିଣୀ ଇପ୍ସିତା ପାଣିଗ୍ରାହୀ, ଉଦ୍ୟାନ ବିଭାଗ ସମ୍ପ୍ରସାରଣ ଅଧିକାରୀ ଅଶୋକ କୁମାର ନାଏକ, ପ୍ରଭାକର ଗୋଛାୟତ, କର୍ମଚାରୀ ସଞ୍ଜିତ କୁମାର ଦାସ, ରାମଚନ୍ଦ୍ର ଧଳ, ବିଷ୍ଣୁପଦ ଜେନା ପ୍ରମୁଖ ବିଭିନ୍ନ ପାନବରଜ ବୁଲି ସ୍ଥିତି ଅନୁଧ୍ୟାନ କରିବା ସହିତ ଆବଶ୍ୟକ କାଗଜପତ୍ର ନେଇ ଫେରିଛନ୍ତି।ଏହି କ୍ଷେତ୍ର ଅନୁଧ୍ୟାନ ସମୟରେ ହୁଗୁଳି ସରପଞ୍ଚଙ୍କ ପ୍ରତିନିଧି ତପନ କୁମାର ପଣ୍ଡା, ସମିତି ସଦସ୍ୟ ଗୋବିନ୍ଦ ଦାସ, ନାଏବ ସରପଞ୍ଚ ବିଭୁତି ପ୍ରଧାନ, ୱାର୍ଡ ସଦସ୍ୟ ବନମାଳୀ ପାଳ, ରବିନ ସେଣ, ହରିହର ଜେନା, ଅବନ୍ତି ସାହୁ, ନମିତା ସାହୁ ବିଭାଗୀୟ ଅଧିକାରୀ ମାନଙ୍କ ସହ ଉପସ୍ଥିତ ଥିଲେ।

### ପାଳିତ ହେଲା ରାମଲାଲାଙ୍କ ପ୍ରତିଷ୍ଠା ଉତ୍ସବ

## 'ରାମ' ଧ୍ୱନିରେ ପ୍ରକମ୍ପିତ ଗାଁଠୁ ସହର

**ବାହାନଗା, ୨୨।୧(ସମିସ)**

ଆଜି ଅଯୋଧ୍ୟାରେ ରାମ ଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହେଇଥିବା ବେଳେ ସମଗ୍ର ଭାରତବର୍ଷ ଆଜି ଉତ୍ସବମୁଖର ହୋଇ ଉଠିଛି। ଗାଁଠୁ ସହର ରାମ ଧ୍ୱନୀରେ ପ୍ରକମ୍ପିତ ହୋଇଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତରେ ଜୁଣିଆ ବଜାର ଠାରେ ଶ୍ରୀ ରାମଙ୍କର ମନ୍ଦିରରେ ଭବ୍ୟ ଆୟୋଜନ ସହ ସକାଳ ଠାରୁ ପୂଜାର୍ଚ୍ଚନା ସହ ଦୀପ ଜାଳିବା ପାଇଁ ଭକ୍ତ ମାନେ ଭିଡ଼ ଜମାଇଥିବା ବେଳେ ଶ୍ରଦ୍ଧାଳୁ ଙ୍କ ରାମ ଧ୍ୱନୀ ରେ ସାରା ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଏହି ଅବସରରେ ଗୋପାଳପୁର ଠାରେ ଗଢ଼ି ଉଠିଥିବା ପ୍ରମୁଖ ଶିକ୍ଷାନୁଷ୍ଠାନ ଶକୁନ୍ତଳା ଟ୍ୟୁଟୋରିଆଲର ମୁଖ୍ୟ ସଞ୍ଜୟ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଶହ ଶହ ଛାତ୍ରଛାତ୍ରୀ ଜୁଣିଆ ରାମ ମନ୍ଦିର ଠାରୁ ତାଳକୁରୁଣୀଆ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରାରେ ବାହାରିଥିଲେ। ପରେ ସେଠାରେ ଛାତ୍ରଛାତ୍ରୀମାନେ ଶ୍ରୀ ରାମ ଲାଲାଙ୍କ ଉଦ୍ଦେଶ୍ୟରେ ସମୂହ ଦ୍ୱୀପ ପ୍ରଜ୍ୱଳନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ପରେ ପୁନର୍ବାର ଶୋଭାଯାତ୍ରାରେ ଜୁଣିଆସ୍ଥିତ ରାମ ମନ୍ଦିରକୁ ଆସି ସେଠାରେ ପୂଜାର୍ଚ୍ଚନା କରିଥିଲେ। ସେହିପରି ରାମ ମନ୍ଦିର କମିଟି ପକ୍ଷରୁ ଏକ କଳସ ଶୋଭାଯାତ୍ରା କରାଯିବା ସହ ମନ୍ଦିରରେ ପୂଜାର୍ଚ୍ଚନା ସହ ହୋମ ଯଜ୍ଞ କରାଯାଇଥିଲା। ସେହିପରି ଆରୁହାବାଡ଼ ପଞ୍ଚାୟତ ଦୋଳପୁରସ୍ଥିତ ହନୁମାନ ମନ୍ଦିର ଠାରେ ଶ୍ରୀ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅବସରରେ ହୋମ



ସୋର



ବାହାନଗା

ଯଜ୍ଞ କରାଯିବା ସହ ଏହି ଉତ୍ସବକୁ ମହା ଧୁମଧାମରେ ପାଳନ କରାଯାଇଥିବା ବେଳେ ଗ୍ରାମରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ସେହିପରି ଅନୁରୂପ ଭାବେ ଗୋପାଳପୁର ପଞ୍ଚାୟତର ପାଇକସ୍ତା ମହାବୀର ମନ୍ଦିର, ଗୋପାଳପୁର ହନୁମାନ ମନ୍ଦିର, ଆପିତିରା ହନୁମାନ ମନ୍ଦିର, ବରିପଦା ହନୁମାନ ମନ୍ଦିର ପ୍ରାଙ୍ଗଣରେ ରାମ ଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅବସରରେ ପୂଜାର୍ଚ୍ଚନା କରାଯିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

**ଜଳେଶ୍ୱର ବ୍ଲକ:** ଜଳେଶ୍ୱରର ପ୍ରତ୍ୟେକ ଗାଁରେ ଥିବା ମନ୍ଦିରରେ ଲୋକେ ଠୁଳ ହୋଇ ଉତ୍ସବ ପାଳନ କରିଛନ୍ତି। ଜଳେଶ୍ୱର ସହରରେ ଥିବା ପ୍ରତ୍ୟେକ ମନ୍ଦିରରେ ଏପରି ଉତ୍ସବ, ଭଜନ, କୀର୍ତ୍ତନ ଓ ଭୋଜନର ବ୍ୟବସ୍ଥା ହୋଇଛି। ବିଭିନ୍ନ ମନ୍ଦିରରୁ ଶୋଭାଯାତ୍ରା ବାହାରି ଗ୍ରାମ ଓ ସହର ପରିକ୍ରମା କରୁଥିବା ବେଳେ ଜଳେଶ୍ୱର ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରଛାତ୍ରୀ, ଗୁରୁଜୀ, ଗୁରୁମାମାନେ ରେଳ ଷ୍ଟେସନ ଯାଏ ଶୋଭାଯାତ୍ରରେ ଯାଇଥିଲେ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମିଷ୍ଟାନ, ଖେଚୁଡିର ବ୍ୟବସ୍ଥା ହୋଇଥିଲା। ସମଗ୍ର ସହର ଓ ଗ୍ରାମାଞ୍ଚଳ ଗେରୁଆମୟ ହୋଇଛି।

**ରାଜବରହମପୁର:** ବ୍ରହ୍ମପୁର ଅଧିନସ୍ଥ ବିଭିନ୍ନ ପଞ୍ଚାୟତ ର ହନୁମାନ ଭକ୍ତ ଏକତ୍ରିତ ହୋଇ ବିରାଟ ବାଇକ ରାଲେ କରି ସମସ୍ତ ପଞ୍ଚାୟତ ବୁଲୁଥିଲେ ବାଉଁଶପାଳ କଲେଜ ଛକ ହନୁମାନ ମନ୍ଦୀର ରେ ଯଜ୍ଞ ରରିଥିଲେ ସନ୍ଧ୍ୟା ବେଳେ ବାସନ୍ତୀ ବଜାର ରେ ରାମଲାଲ ଙ୍କର ଫୋଟ ରଖି ଦୀପଦାନ କରିବା ସହିତ ରାମ ଚରିତ କରିଥିଲେ।

**ସୋର:** ସୋର ପୌରପରିଷଦ ଅନ୍ତର୍ଗତ ୩ ନମ୍ବର ୱାର୍ଡ ଷ୍ଟେସନ ରୋଡ ସାଇମନ୍ଦିର ନିକଟରେ ଅଯୋଧ୍ୟାରେ ନବ ନିର୍ମିତ ଭବ୍ୟ ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ସୋରରେ ପାଳନ କରାଯାଇଛି। ବିଭିନ୍ନ ସ୍ଥାନରେ ଭଜନ କୀର୍ତ୍ତନ ସାଙ୍ଗକୁ ରାମଧୂନ୍‌ରେ କମ୍ପିଉଠିଥିଲା ସମଗ୍ର ସୋର ଅଞ୍ଚଳ। ଏହି ଉପଲକ୍ଷେ ଆଜି ପୂର୍ବରାହ୍‌ଣ ୮ ଘଟିକାରେ ସୁସଜ୍ଜିତ ଏକ ରଥରେ ପିଲାମାନଙ୍କୁ ରାମ, ଲକ୍ଷ୍ମଣ, ସୀତା ଏବଂ ହନୁମାନ ବେଶ କରାଯାଇ ଏକ ବିରାଟ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ସାଇ ମନ୍ଦିର ନିକଟରେ ପହଞ୍ଚିଥିଲେ। ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଏବଂ ରାମଲାଲାଙ୍କ ପ୍ରତିମୂର୍ତ୍ତି ପ୍ରାଣ ପ୍ରତିଷ୍ଠାର ସିଧା ପ୍ରସାରଣ ଦେଖିଥିଲେ। ଏହି ଅବସରରେ ସହସ୍ରାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ପ୍ରସାଦ ସେବନ କରିଥିଲେ। ସେହିପରି ସୋରରେ ବିଭିନ୍ନ ସ୍ଥାନରେ ଏହି ଉତ୍ସବକୁ ମହା ସମାରୋହରେ ପାଳନ କରାଯାଇଥିବା ଦେଖାଯାଇଛି।

## ଖଇରା ବ୍ଲକରେ ଶ୍ରୀରାମଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଖଇରା, ୨୨।୧ (ସମିସ):** ଅଯୋଧ୍ୟାରେ ଶ୍ରୀରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ଉପଲେକ୍ଷ ଖଇରା ବ୍ଲକର ମଠମନ୍ଦିରରେ ଆଧ୍ୟାତ୍ମିକ ପରିବେଶରେ ଯଜ୍ଞପ୍ରବଚନ ସାଙ୍ଗକୁ ଭଜନ ସଂକୀର୍ତ୍ତନରେ ପୁରପଲ୍ଲୀ ପ୍ରକମ୍ପିତ ହୋଇଛି। ଏହି ଅବସରରେ ଖଇରା ବ୍ଲକର ପତିରାଜପୁର ମିଳନ ପଡ଼ିଆ ଓ ଖଇରା ବଜାରସ୍ଥିତ ହନୁମାନ ମନ୍ଦିର ଠାରେ ଦିବସବ୍ୟାପି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ପତିରାଜପୁର ମିଳନ କମିଟି, ଗୋଳିହା ଶ୍ରୀରାମ ସମିତି ଓ ବିଶ୍ୱହିନ୍ଦୁ ପରିଷଦର ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଏକ ବିଶାଳ କଳସ ଶୋଭାଯାତ୍ରା ଦିଘି ପୋଖରୀରୁ ଆସି ଯଜ୍ଞ ମଣ୍ଡପରେ ପହଞ୍ଚିଥିଲା। ପରେ ବିଜେପି ମୁଖପାତ୍ର ଠାକୁର ରଞ୍ଜିତ ଦାସଙ୍କ ତତ୍ତ୍ୱାବଧାନରେ କୁପାରୀ ଅମ୍ବିକା ଆଶ୍ରମର ସଞ୍ଚାଳକ ଶୁଭେନ୍ଦୁ ମୁନୀ ତଥା ବିଭିନ୍ନ ମଠମନ୍ଦିରରୁ ଆସିଥିବା ସାଧୁସନ୍ଥ ମାନେ ଉପସ୍ଥିତ ଥିବା ୨ହଜାରରୁ ଉର୍ଦ୍ଧ ଶ୍ରଦ୍ଧାଳୁଙ୍କୁ ରାମକଥା ଶୁଣାଇଥିଲେ। ଶହଶହ ସଂଖ୍ୟାର ରାମଭକ୍ତ ରାମ, ଲକ୍ଷ୍ମଣ, ସୀତା ତଥା ହନୁମାନଙ୍କୁ ଦର୍ଶନ କରିଥିଲେ। ସନ୍ଧ୍ୟାରେ ଦୀପ ପ୍ରଜ୍ୱଳନ କରାଯାଇଥିଲା।





## ହରିହର ମନ୍ଦିରର ରତ୍ନମୁଦ ଉତ୍ସବ ସମ୍ପନ୍ନ

**ନାମ୍ପୋ, ୨୨।୧(ସମିସ):** ଜଳେଶ୍ୱର ବ୍ଲକ ସୁଗୋ ପଞ୍ଚାୟତର ବାଣୀଦା ଗ୍ରାମର ଦକ୍ଷିଣ ପଲ୍ଲୀରେ ନବ ନିର୍ମିତ ଶ୍ରୀ ଶ୍ରୀ ହରିହର ମନ୍ଦିରର ରତ୍ନ ମୋଦ ଉତ୍ସବ ସଂପନ୍ନ ହୋଇଛି। ଦକ୍ଷିଣ ପଲ୍ଲୀ ବାସୀଙ୍କ ସମୂହ ସହଯୋଗରେ, ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ବସନ୍ତ ଦାସ ଓ ସହଯୋଗୀ ଙ୍କ ଦ୍ୱାରା ରେଖ ପଦ୍ଧତିରେ ନିର୍ମାଣ ହେଉଥିବା ଏହି ମନ୍ଦିରର ଦୈର୍ଘ୍ୟ ୪୦ ଫୁଟ ପ୍ରସ୍ଥ ୩୫ ଫୁଟ ଓ ଉଚ୍ଚତା ୯୦ ଫୁଟ ହୋଇଥିବା ବେଳେ ଦଧିନଉତି ର ବ୍ୟାସ ୧୩ ଫୁଟ।ସମ୍ପୂର୍ଣ୍ଣ ଉତ୍କଳୀୟ କାରୁକାର୍ଯ୍ୟ ରେ ବିମଣ୍ଡିତ ଏହି ମନ୍ଦିରରେ ଜିଲ୍ଲାର ସର୍ବ ବୃହତ ବିଷ୍ଣୁ ମୂର୍ତ୍ତି ଓ ମହାଦେବଙ୍କ ମୂର୍ତ୍ତି ସହିତ ଏକ ବୃହତମ ଶିବ ଲିଙ୍ଗ ସ୍ଥାପିତ ହୋଇଛି।ମୁଗୁନି ପଥରରେ ନିର୍ମିତ ବିଷ୍ଣୁ ମୂର୍ତ୍ତିର ଉଚ୍ଚତା ୯ ଫୁଟ, ଶିବ ମୂର୍ତ୍ତିର ଉଚ୍ଚତା ୭ ଫୁଟ ଓ ଶିବ ଲିଙ୍ଗର ଉଚ୍ଚତା ୫ ଫୁଟ। ପ୍ରତ୍ୟୁଷରୁ ପ୍ରଥମେ କଳସ ଯାତ୍ରା ସମ୍ପନ୍ନ ହେବାପରେ ବେଦଜ୍ଞ ପଣ୍ଡିତଙ୍କ ଦ୍ୱାରା ପଞ୍ଚ ଦେବତା ପୂଜନ, ପାର୍ଶ୍ୱ ଦେବଦେବୀ ପୂଜନ, ବାସ୍ତୁ ଦେବତା ପୂଜନ ଓ ଘୃତ ଯଜ୍ଞ ସମ୍ପନ୍ନ ହୋଇଥିଲା। ହରିବୋଲ ହୁଳହୁଳିରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇ ଯାଇଥିଲା। ଭକ୍ତି ଓ ଭାବମୟ ପରିବେଶ ମଧ୍ୟରେ ଶହ ଶହ ଶ୍ରଦ୍ଧାଳୁ ଭକ୍ତିର ସହିତ ସାମର୍ଥ୍ୟ ଅନୁସାରେ ସୁନା, ରୂପା ତମ୍ବା ଆଦି ବିଭିନ୍ନ ଧାତୁ ଓ ନାନାବିଧ ଶସ୍ୟ ଅର୍ପଣ କରିଥିଲେ।

## ବାଲି ଉତ୍ତୋଳନକୁ ନେଇ ଦୁଇ ଗାଁ ମୁହାଁମୁହିଁ

**ଜଳେଶ୍ୱର ବ୍ଲକ, ୨୨।୧(ସମିସ)**

ଅଦ୍ୟାବଧି ସୁବର୍ଣ୍ଣରେଖା ନଦୀର ଜଳେଶ୍ୱର ତହସିଲ ଅଞ୍ଚଳରେ ଥିବା ପ୍ରାୟ ୨୩ଟି ବାଲିଖାଦାନ ବିଭିନ୍ନ ବିଭାଗ ଦ୍ୱାର ସ୍ୱୀକୃତି ପାଇ ନିଲାମ ହୋଇନଥିବା ବେଳେ ବ୍ୟାପକ ବାଲି ଉତ୍ତୋଳନ ଓ ଚୋରାଚାଲାଣ କରି ମାଫିଆମାନେ ମାଲେମାଲ ହେଉଛନ୍ତି। ବାଲି ଉତ୍ତୋଳନକୁ ନେଇ ଦୁଇ ଗ୍ରାମବାସୀ ମୁହାଁମୁହିଁ ହୋଇଥିବା ବେଳେ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଆପାତତଃ ସମାଧାନ କରିଛି।

ଜଳେଶ୍ୱର ତହସିଲ ଅଞ୍ଚଳରେ ସୁବର୍ଣ୍ଣରେଖା ପ୍ରବାହିତ ହେଉଛି। ଏଥିରେ ଥିବା ୨୩ଟି ବାଲି ସୈରାତ ଦୀର୍ଘବର୍ଷ ଧରି ନିଲାମ ହେଉନଥିବାରୁ ନିର୍ମାଣ କାର୍ଯ୍ୟଲାଗି ବ୍ୟାପକ ବାଲି ଚୋରାରେ ଚାଲାଣ ହେଉଛି। ଫଳରେ ନଦୀପାଖ କେତେକ ଗ୍ରାମର ବ୍ୟକ୍ତିମାନେ ସଂଗଠିତ ଭାବେ ବାଲି ବିକ୍ରି କରୁଛନ୍ତି। ବାଲି ମାଫିଆ ସେମାନଙ୍କଠାରୁ ନେଇ ପଶ୍ଚିମବଂଗକୁ ଚାଲାଣ କରି ଆସୁଛି। ବାଲିମାଫିଆମାନେ ମାଲେମାଲ ହେଉଥିବା ବେଳେ ଏଥିରେ କେତେକ ସରକାରୀ କର୍ମଚାରୀଙ୍କ ସମ୍ପୃକ୍ତି ରହିଥିବା ଜଣାଯାଇଛି। ଫଳରେ କୋଟି କୋଟି ଟଙ୍କା ରାଜସ୍ୱ ହାନି ଘଟୁଛି। ନଦୀକୂଳରେ ଥିବା ରାଜନଗର, ମାକିଡିଆ, କୁଆଁରପୁର, ମକରମପୁର, ବେହେରା ସାହି, ଦକ୍ଷିଣ ପ୍ରହରାଜପୁର, ପ୍ରହରାଜପୁର, ଗୁଆଗଡ଼ିଆ, ଶ୍ରୀରାମପୁର, ଭାନୁପୁର, ମଥୁରାନାଥ, ଶିଖରପୁର, ଗୋବରଘଟା, ମାଣିକଚକ, ଚାଲନ୍ତି, ସେକସରାଇ, ଜମାଲପୁର, ପଶ୍ଚିମବାର୍ଡ, ରେଳା, କଣ୍ଟାପାଳ ଗ୍ରାମ ମାନଙ୍କରୁ ବ୍ୟାପକ ବାଲି ଉତ୍ତୋଳନ ହେଉଛି। ନିକଟରେ ବାଲି ଉତ୍ତୋଳନକୁ ନେଇ ଭାନୁପୁର ଓ ମଥୁରାନାଥ ଗ୍ରାମବାସୀଙ୍କ ମଧ୍ୟରେ ସଂଘର୍ଷ ଆଲୋଚନାର ବିଷୟ ହୋଇଛି। କେତେକ ଗ୍ରାମବାସୀ ଗ୍ରାମର ଉନ୍ନତି ନାମରେ ନିକଟସ୍ଥ ବାଲି ସୈରାତରୁ ବାଲି ମାଫିଆଙ୍କୁ ଉତ୍ତୋଳନ ଲାଗି ପ୍ରୋତ୍ସାହନ ଦେଇ ଆସୁଛନ୍ତି। ଫଳରେ ଗ୍ରାମବାସୀ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଏଥିରେ କେତେକ ସରକାରୀ କର୍ମଚାରୀଙ୍କ ପ୍ରତ୍ୟେକ୍ଷ ହାତ ଥିବା ଅଭିଯୋଗ ହେଉଛି। ଖଣିବିଭାଗ ଏଥିପ୍ରତି ସଜାଗ ହେଲେ ଏପରି ଚୋରାବାଲି ରୋକାଯିବା ସହିତ ସରକାରଙ୍କ ରାଜସ୍ୱ ବୃଦ୍ଧି ଘଟଣାନ୍ତା ବୋଲି କୁହାଯାଇଛି।

## ୬ କୋଟି ବ୍ୟୟରେ ନିର୍ମିତ ହେବ ସୁଣ୍ଡିଆଡିହି-ବାଣିତିଆ ରାସ୍ତା

**ଖଇରା, ୨୨।୧ (ସମିସ)**



ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାକୁ ସଂଯୋଗ କରୁଥିବା ସୁଣ୍ଡିଆଡିହି-ବାଣିତିଆ ଭାୟା ରସୁଣା ଅବଦୁଲାପୁର ରାସ୍ତାର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ଦ୍ୱାରା ସମ୍ପନ୍ନ ହୋଇଛି। ନରେନ୍ଦ୍ର କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଶିଳାନ୍ୟାସ ଉତ୍ସବରେ ବିଧାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ନବୀନ ସରକାରରେ କାମହିଁ ବିକାଶର କଥା କହିଥାଏ ବୋଲି ପ୍ରକାଶ କରିଥିଲେ। ଜିଲ୍ଲା ପରିଷଦ ସଭ୍ୟା ସୁଷମା ମହାପାତ୍ର, ସରପଞ୍ଚ ରାଜେନ୍ଦ୍ର କୁମାର ଦାସ, ଗ୍ରାମ ମୁଖିଆ ସରୋଜ ମହାପାତ୍ର ଓ ପିତାମ୍ବର ପାଣିଗ୍ରାହୀ, ପଞ୍ଚାୟତ ଯୁବ ସଭାପତି ପବିତ୍ର ମୋହନ ସାହୁ, ବ୍ରଜକିଶୋର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦିବାକର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ୪କିମି ରାସ୍ତା ପାଇଁ ୫କୋଟି ୯୮ ଲକ୍ଷ ଟଙ୍କା ଖର୍ଚ୍ଚ ହେବ।

